www.nirbhaysuchana.com
nirbhaysuchanaepaper.com
www.twitter.com/
NirbhaySuchana
www.facebook.com/
Nirbhaysuchana

NIRBHAY SUCHANA

# ନିର୍ଭୟ ସୂଚନା

RNI No. ODIODI/2015/65606 Postal RegNo.-CK(N)/22/2021-2023

Vol.No.-12, Issue-39 Saturday 10, October, 2026, JAJPUR , Page-8, Rs. 5/- | ବର୍ଷ-୧୨, ସଂଖ୍ୟା-୩୯ ଶନିବାର, ୧୦ ଅକ୍ଟୋବର, ୨୦୨୬, ଯାଜପୁର, ପୃଷ୍ଠା-୮, ମୂଲ୍ୟ-୫ ଟଙ୍କା

## ଛାତ୍ର ସଂସଦ ନିର୍ବାଚନ ପାଇଁ ସରିଲା ନୋମିନେସନ

- ସମର୍ଥକଙ୍କ ସହ ନାମାଙ୍କନ ଦାଖଲ କଲେ ପ୍ରାର୍ଥୀ
- ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାର

**ଭୁବନେଶ୍ୱର ୯।୧୦ (ନି.ସୂ):** ଛାତ୍ର ସଂସଦ ନିର୍ବାଚନ ପାଇଁ ସରିଲା ନୋମିନେସନ । କ୍ୟାମ୍ପସ ନିର୍ବାଚନ ପାଇଁ ନାମାଙ୍କନ ଭରିଲେ ପ୍ରାର୍ଥୀ । ଶୁକ୍ରବାର ଦିନ ୧୦ଟାରୁ ୧ଟା ଯାଏ ନାମାଙ୍କନ ଦାଖଲ ହୋଇଥିଲା । ଦିନ ୨ଟାରୁ ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୪ଟା ଯାଏଁ ଯାଞ୍ଚ ହେବ । ଏହାପରେ ସଂଧ୍ୟା ୫ଟାରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ଶନିବାର ସକାଳ ୧୦ଟାରୁ ମଧ୍ୟାହ୍ନ ୧ଟା ଯାଏ ପ୍ରାର୍ଥୀପତ୍ର ପ୍ରତ୍ୟାହାର ସୁଯୋଗ ମିଳିବ । ଅପରାହ୍ନ ୩ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ।



ତେବେ ନୋମିନେସନ୍ ବେଳେ ପ୍ରାର୍ଥୀଙ୍କ ପାୱାର ଶୋ' ଦେଖିବାକୁ ମିଳିଛି। ନିଜ ନିଜ ସମର୍ଥକଙ୍କ ସହ ବିଶାଳ ପଟୁଆରରେ ଯାଇ ପ୍ରାର୍ଥୀ ମାନେ ନାମାଙ୍କନ ଭରିଛନ୍ତି । କେଉଁଠି ଢୋଲ ନିଶାନ ତ କେଉଁଠି ଘଣ୍ଟା ମୃଦଙ୍ଗରେ କମ୍ପିଥିଲା ପରିବେଶ । କଲେଜ କ୍ୟାମ୍ପସରେ ନିର୍ବାଚନୀ ତାତି ଦେଖିବାକୁ ମିଳିଛି । କ୍ୟାମ୍ପସରେ ଦିନରେ ଭୋଜିଭାତ ଆୟୋଜନ କରାଯାଉଛି । ରାତିରେ ମଧ୍ୟ ହଷ୍ଟେଲରେ ପିଲାଙ୍କ ପାଖେ ଖାଇବା ପହଞ୍ଚାଇ ଦେଉଛନ୍ତି ଆଶାୟୀ ପ୍ରାର୍ଥୀ । ଛାତ୍ର ସଂଗଠନମାନେ ନିଜର ଶୋଭାଯାତ୍ରାରେ ଅଧିକରୁ ଅଧିକ ପିଲାଙ୍କୁ ଯୋଡ଼ିବାକୁ ଲକ୍ଷ୍ୟ ରଖିଛନ୍ତି ।

କଲେଜ ଓ ୟୁନିଭର୍ସିଟି କ୍ୟାମ୍ପସରେ ନିର୍ବାଚନୀ ତାତି । ଛାତ୍ର ରାଜନୀତିର ଜବରଦସ୍ତ ପ୍ରଦର୍ଶନ । ଛାତ୍ର ସଂସଦ ନିର୍ବାଚନ ପାଇଁ ହୋଇଛି ଆଜି ବିଭିନ୍ନ କଲେଜରେ ନାମାଙ୍କନ ଦାଖଲ ହୋଇଛି। ବିଶାଳ ପଟୁଆରରେ ଯାଇ ପ୍ରାର୍ଥୀମାନେ ନାମାଙ୍କନ ଭରିଛନ୍ତି । କେଉଁଠି ଢୋଲ ନିଶାନ ତ କେଉଁଠି ଘଣ୍ଟା ମୃଦଙ୍ଗରେ ପରିବେଶ କମ୍ପୁଛି ।

ସେପଟେ ବୌଦ୍ଧ ଜିଲ୍ଲାରେ ଛାତ୍ର ସଂସଦ ନିର୍ବାଚନ ନେଇ ନିର୍ବାଚନ ତାତି ଜୋର୍ ଧରିଛି । ଆଜି ନାମାଙ୍କ ପତ୍ର ଦାଖଲ ଦିନ ଥିବା ବେଳେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ, ମଡେଲ ଡିଗ୍ରୀ କଲେଜ ଓ କଣ୍ଟାମାଳ କଲେଜରେ ନାମାଙ୍କନ ପତ୍ର ଦାଖଲ କରାଯାଇଛି । ସେହିପରି ଭବାନୀପାଟଣାର ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ରାଜନୀତି ସରଗରମ ରହିଛି । ବିଭିନ୍ନ ଛାତ୍ର ସଂଗଠନ ରୋଡ୍ ଶୋ'ରେ ଶକ୍ତି ପ୍ରଦର୍ଶନ କରିଛନ୍ତି ।

### ଭଦ୍ରକର ୨ଟି କଲେଜରେ ନିର୍ବାଚନ ବାତିଲ

**ଭଦ୍ରକ ୦୯।୧୦ :** ଛାତ୍ର ସଂସଦ ନିର୍ବାଚନ ବାତିଲ । ଦୁଇ ମହାବିଦ୍ୟାଳୟରେ ନିର୍ବାଚନ ବାତିଲ କରାଯାଇଛି । ଏନେଇ ମହାବିଦ୍ୟାଳୟ ପରିସରରେ ଲାଗିଛି ନୋଟିସ । ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଖବର ଅନୁଯାୟୀ, ଦୀର୍ଘ ୮ ବର୍ଷ ପରେ କଲେଜ ନିର୍ବାଚନ ହେବା ନେଇ ଘୋଷଣା କରିଥିଲେ ରାଜ୍ୟ ସରକାର । ଯାହାପରେ କଲେଜ କ୍ୟାମ୍ପସ ଉଠୁଛି ପଡୁଛି । ପ୍ରାର୍ଥୀମାନେ ଜୋରଦାର କଲେଣି ପ୍ରଚାର । ହେଲେ ଏସବୁ ଭିତରେ ଭଦ୍ରକରୁ ଆସିଛି ବଡ଼ ଖବର । ଭଦ୍ରକରେ ଦୁଇଟି ମହାବିଦ୍ୟାଳୟର ନିର୍ବାଚନ ବାତିଲ କରାଯାଇଛି । ସମ୍ବେଦନଶୀଳ ଘଟଣା ପାଇଁ ନିର୍ବାଚନ ବାତିଲ କରିଛନ୍ତି କର୍ତ୍ତୃପକ୍ଷ । ତେବେ ନିର୍ବାଚନ ବାତିଲ ହୋଇଥିବା ମହାବିଦ୍ୟାଳୟ ଗୋଟିଏ ହେଲା ଭଦ୍ରକ ମହାବିଦ୍ୟାଳୟ । ଅନ୍ୟଟି ହେଉଛି ଭଣ୍ଡାରିପୋଖରୀ ବ୍ଲକ ନାଆମୀ ମହାବିଦ୍ୟାଳୟ । ଦୁଇଟି ମହାବିଦ୍ୟାଳୟର ନିର୍ବାଚନକୁ ବାତିଲ କରାଯାଇଛି ।



### ନୋବେଲ୍ ଶାନ୍ତି ପୁରସ୍କାର ଘୋଷଣା

## ନାଭି ପିଲେଙ୍କୁ ମିଳିବ ସମ୍ମାନ



ଷ୍ଟକହୋମ,୯।୧୦: ୨୦୨୬ ମସିହା ପାଇଁ ନୋବେଲ ଶାନ୍ତି ପୁରସ୍କାର ଘୋଷଣା କରାଯାଇଛି। ଦକ୍ଷିଣ ଆଫ୍ରିକାର ବିଚାରପତି ତଥା ଭାରତୀୟ ତାମିଲ ବଂଶୋଦ୍ଭବ ନାଭାନେଥେମ 'ନାଭି' ପିଲ୍ଲାଇଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶାନ୍ତି ଓ ଅନ୍ତର୍ଜାତୀୟ ଆଇନକୁ ପ୍ରୋତ୍ସାହିତ କରିବାରେ ତାଙ୍କ ଅବଦାନ ପାଇଁ ନୋବେଲ କମିଟି ତାଙ୍କୁ ଚୟନ କରିଛି। ଅନ୍ୟପଟେ ଏହି ପୁରସ୍କାର ପାଇବାକୁ ଇଚ୍ଛା ପ୍ରକାଶ କରିଆସୁଥିବା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚଳିତ ବର୍ଷ ମଧ ଏହି ସମ୍ମାନ ମିଳିନାହିଁ।

ନାଭାନେଥେମ 'ନାଭି' ପିଲ୍ଲାଇ ଜଣେ ପ୍ରତିଷ୍ଠିତ ଦକ୍ଷିଣ ଆଫ୍ରିକୀୟ ଆଇନଜୀବୀ ଓ ବିଚାରପତି। ତାଙ୍କ ପରିବାରର ମୂଳ ଭାରତୀୟ ତାମିଲ ସମ୍ପ୍ରଦାୟ ସହ ଜଡ଼ିତ। ମାନବାଧିକାର ସୁରକ୍ଷା ଓ ଅନ୍ତର୍ଜାତୀୟ ନ୍ୟାୟ କ୍ଷେତ୍ରରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ସେ ମିଳିତ ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତ ଭାବେ କାର୍ଯ୍ୟ କରିବା ସହ ଅନ୍ତର୍ଜାତୀୟ ନ୍ୟାୟିକ ବ୍ୟବସ୍ଥାରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ନୋବେଲ କମିଟି ତାଙ୍କର ଦୀର୍ଘକାଳୀନ ଅବଦାନକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ପ୍ରଦାନ କରିଛି।

ନୋବେଲ କମିଟି ଅନୁଯାୟୀ, ନାଭି ପିଲ୍ଲାଇଙ୍କ କାର୍ଯ୍ୟଜୀବନର ଏକ ମୁଖ୍ୟ ଦିଗ ହେଉଛି ଆଇନ ମାଧ୍ୟମରେ ନ୍ୟାୟ ଓ ମାନବାଧିକାରର ସୁରକ୍ଷା। ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ ସମୟରେ ଆଇନଗତ ସହାୟତା ଦେବାଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ଅଦାଲତରେ ବିଚାରପତି ଭାବେ କାର୍ଯ୍ୟ କରିବା ପର୍ଯ୍ୟନ୍ତ ତାଙ୍କର ଅବଦାନ ବ୍ୟାପକ ରହିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅନେକ ଥର ନୋବେଲ ଶାନ୍ତି ପୁରସ୍କାର ପାଇବା ନେଇ ନିଜର ଇଚ୍ଛା ପ୍ରକାଶ କରିଥିଲେ। ନିକଟରେ ମଧ ସେ ଏହି ସମ୍ମାନ ପାଇବାକୁ ନିଜକୁ ଯୋଗ୍ୟ ବୋଲି କହିଥିଲେ। କିନ୍ତୁ ୨୦୨୬ର ପୁରସ୍କାର ନାଭି ପିଲ୍ଲାଇଙ୍କୁ ପ୍ରଦାନ କରାଯାଇଛି।

### ବଙ୍ଗୋପସାଗରରେ ପୁଣି ଦାନା ବାନ୍ଧୁଛି ଲଘୁଚାପ

## ଦଶହରା ବେଳକୁ ଛେଚିବ ବର୍ଷା !

ଭୁବନେଶ୍ୱର, ୯।୧୦ (ନି.ସୂ) : ବଙ୍ଗୋପସାଗରରେ ପୁଣି ଦାନା ବାନ୍ଧୁଛି ଲଘୁଚାପ । ୧୩ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାକୁ ଯାଉଛି । ଥାଇଲ୍ୟାଣ୍ଡ ଉପସାଗର ଅଞ୍ଚଳରୁ ଉଠିଥିବା ଏକ ସକ୍ରିୟ ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ନୂତନ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏହି ପୂର୍ବାନୁମାନ କରାଯାଇଛି ।

ଥାଇଲ୍ୟାଣ୍ଡ ଉପସାଗରରୁ ଆସୁଛି ଶକ୍ତିଶାଳୀ ଘୂର୍ଣ୍ଣିବଳୟ। ପାଣିପାଗ ବିଜ୍ଞାନ କେନ୍ଦ୍ରର ତଥ୍ୟ ଅନୁଯାୟୀ, ବର୍ତ୍ତମାନ ଥାଇଲ୍ୟାଣ୍ଡ ଉପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହି ଘୂର୍ଣ୍ଣିବଳୟଟି ସମୁଦ୍ର ପତ୍ତନଠାରୁ ବାୟୁମଣ୍ଡଳରେ ପ୍ରାୟ



୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପି ରହିଛି । ଏହା କ୍ରମଶଃ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି ।

ଆସନ୍ତା ୧୧ ତାରିଖରେ ଏହି ସକ୍ରିୟ ଘୂର୍ଣ୍ଣିବଳୟଟି ଆଣ୍ଡାମାନ ସାଗର ମଧ୍ୟକୁ ପ୍ରବେଶ କରିବ । ସାମୁଦ୍ରିକ ଅନୁକୂଳ ପରିବେଶ ପାଇ ଏହା ଅଧିକ ଘନୀଭୂତ ହେବା ସହ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ୧୩ ତାରିଖରେ ଏକ ସ୍ୱଷ୍ଟ ଲଘୁଚାପ କ୍ଷେତ୍ରରେ ପରିଣତ ହେବ । ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ଏହା କେତେ ଘନୀଭୂତ ହେବ ଏବଂ କେଉଁ ଉପକୂଳ ମୁହାଁ ହେବ, ସେନେଇ ପାଣିପାଗ ବିଜ୍ଞାନୀମାନେ ନଜର ରଖିଛନ୍ତି । ସମ୍ଭାବ୍ୟ ଲଘୁଚାପ କାରଣରୁ ଆଣ୍ଡାମାନ ସାଗର ଏବଂ ପରବର୍ତ୍ତୀ ସମୟରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ମଧ୍ୟରେ ପବନର ବେଗ ବୃଦ୍ଧି ପାଇବା ସହ ସମୁଦ୍ର ଅଶାନ୍ତ ରହିବ । ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଥାଇଲ୍ୟାଣ୍ଡ ଉପସାଗର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ସହିତ ଅକ୍ଟୋବର ୧୧ ତାରିଖ ବେଳକୁ ଆଣ୍ଡାମାନ ସାଗର ଅଞ୍ଚଳରେ ଆଉ ଏକ ଉପର ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଦୁଇ ପାଣିପାଗ ପ୍ରଣାଳୀର ପ୍ରଭାବରେ ଅକ୍ଟୋବର ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇପାରେ।

### ସୂଚନା ସେବାରେ ଓଡ଼ିଶା ପଛରେ

## ସୋସିଆଲ ମିଡିଆର ସଠିକ୍ ବ୍ୟବହାର କର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୧୦ (ନି.ସୂ) : ସୂଚନା ସେବା କ୍ଷେତ୍ରରେ ବହୁ ପଛରେ ରହିଛି ଓଡ଼ିଶା । ଏହାକୁ ଆଗକୁ ନେବା ପାଇଁ ସୋସିଆଲ ମିଡିଆରେ ଅଧିକ ଫୋକସ କରିବାକୁ ଅଧିକାରୀଙ୍କୁ ଟାସ୍କ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜେନ-ଜେଡ ଶବ୍ଦ ନକହିବାକୁ ନିର୍ଦ୍ଦେଶ ରହିଛି, ତାହାକୁ ମଧ ମୁଁ ପାଳନ କରୁଛି । ମୋ ସୋସିଆଲ ମିଡିଆ କେତେ ଅଗ୍ରସର ପ୍ରଧାନମନ୍ତ୍ରୀ ତାହା ଦେଖିଛନ୍ତି । ମୁଁ ସେ ଦିଗରେ କେତେ ତଳେ ରହିଛି ତାହା ଦେଖି ମୁଁ ତାଜୁବ । ତେଣୁ ସେଥିରେ କିପରି ଉନ୍ନତି ଆସିବ ସେ ରିପୋର୍ଟକୁ ମୁଖ୍ୟ ଶାସନ ସଚିବ ଏବଂ ସୂଚନା ଲୋକ ସମ୍ପର୍କ ବିଭାଗର ଅତିରିକ୍ତ



ମୁଖ୍ୟ ଶାସନ ସଚିବଙ୍କୁ ଦିଆଯାଇଛି । ଏଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଶାଳାରେ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୂଚନା ଅଧିକାରୀଙ୍କ କାମ କେବଳ ପ୍ରେସ ବିଜ୍ଞପ୍ତି ଦେବା ନୁହେଁ । ସରକାର ଓ ଲୋକଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବା ସେମାନଙ୍କର ପ୍ରମୁଖ ଦାୟିତ୍ୱ । ସରକାରଙ୍କ ଯୋଜନା କିଭଳି ତଳସ୍ତରରେ ପହଞ୍ଚିବ ଓ ସାଧାରଣ ଲୋକ କିଭଳି ଲାଭାନ୍ୱିତ ହେବେ, ସେଥିରେ ଆଇଆଣ୍ଡପିଆର ବିଭାଗର ବଡ଼ ଭୂମିକା ରହିଛି । ଖୁବ କମ ସମୟରେ ଯୋଜନା ଲୋକଙ୍କ ପାଖରେ ପହଞ୍ଚିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ।

### ଆଇଇଡି ନିଷ୍କ୍ରିୟ ବେଳେ ବିସ୍ଫୋରଣ

## ୪ ଜଣ ଯବାନ ଆହତ

**ମାଲକାନଗିରି ୦୯।୧୦ :** ବଡ଼ଧରଣର ଅଘଟଣ । ଆଇଇଡି ନିଷ୍କ୍ରିୟ ବେଳେ ଘଟିଲା ଅଘଟଣ । ଏହି ବିସ୍ଫୋରଣରେ ୪ ଜଣ ଯବାନ ଗୁରୁତର ହୋଇଛନ୍ତି । ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି ।ଖବର ଅନୁଯାୟୀ, ମାଲକାନଗିରି ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲାରେ ବେଜ୍ଜି ଥାନା ଏଲାର୍ମଡାଗୁ ସିଆରପିଏଫ୍ କ୍ୟାମ୍ପ ନିକଟରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଚାଲିଥିଲା ସର୍ଚ୍ଚ ଅପରେସନ । ନିକଟରେ ଆଇଇଡି ଲାଗିଥିବା ଖବର ପାଇବା ପରେ ସର୍ଚ୍ଚ ଅପରେସନ କରିଥିଲେ ସୁରକ୍ଷାକର୍ମୀ । ଏହି ସମୟରେ ସୁରକ୍ଷାକର୍ମୀଙ୍କୁ ମାଓବାଦୀମାନେ ଖଞ୍ଜିଥିବା ଏକ ଆଇଇଡି ମିଳିଥିଲା । ଯାହାପରେ ସୁରକ୍ଷାକର୍ମୀମାନେ ତାକୁ ନିଷ୍କ୍ରିୟ କରିବା ପାଇଁ ଉଦ୍ୟମ କରିଥିଲେ । ହେଲେ ଏହି ସମୟରେ ଆଇଇଡି ବିସ୍ଫୋରଣ ହୋଇଥିଲା । ଯାହାଫଳରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ୪ ଜଣ ଯବାନ ଆହତ ହୋଇଥିଲା । ଏହାପରେ ଚାରି ଜଣ ଯବାନଙ୍କୁ ଗୁରୁତର ଭାବେ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ତେବେ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ହାଇଦ୍ରାବାଦ ପଠାଯାଇଛି। ଗୁରୁତର ଯବାନ ହେଲେ ଏଏସଆଇ ଏମକେ ତିୱାରୀ, ଏଏସଆଇ ଅନିଶ ଖାନ, ଇନ୍ସପେକ୍ଟର ଅମରନାଥ ମିଶ୍ର ,ପିଆର କୁଲଦୀପ ରାଜ।

## ଭିଜିଲାନ୍ସ ଜାଲରେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ପାତ୍ର

ଭୁବନେଶ୍ୱର,୯।୧୦ (ନି.ସୂ) : ଭିଜିଲାନ୍ସ ଜାଲରେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ । ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପ୍ରସନ୍ନ ପାତ୍ରଙ୍କ ଘରେ ଚଢାଉ । ସୁନ୍ଦରଗଡ଼ ଜିଲ୍ଲାର ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ୱାଟରସେଡ୍ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ରଙ୍କ ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି ଭିଜିଲାନ୍ସ ।



ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଶ୍ରାବଣୀ ରେସିଡେନ୍ସିର ଦ୍ୱିତୀୟ ମହଲାରେ ଥିବା ଫ୍ଲାଟ୍ , ମଞ୍ଜନାଥ ଭିଲ୍ଲାର ଫେଜ୍ -୨ରେ ଥିବା ତାଙ୍କର ତିନୋଟି ଦୁଇମହଲା କୋଠା, ବାଲିଅନ୍ତାରେ ଥିବା ଅନ୍ୟ ଏକ ଆବାସିକ କୋଠାରେ ତଲାସୀ ଚାଲିଛି । ଏହା ସହିତ ସୁନ୍ଦରଗଡ଼ସ୍ଥିତ ତାଙ୍କ କାର୍ଯ୍ୟାଳୟ, କାର୍ଯ୍ୟାଳୟ ସମ୍ମୁଖରେ ଥିବା ସରକାରୀ କ୍ୱାର୍ଟର ଏବଂ କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ଚର୍ଚ୍ଚିକା ଗ୍ରାମରେ ଥିବା ତାଙ୍କ ଶ୍ୱଶୁର ଘରେ ମଧ ଚଢ଼ାଉ କରାଯାଉଛି ।

ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଥିବା ବେଳେ ସମ୍ପତ୍ତିର ପରିମାଣ ଓ ଅନ୍ୟାନ୍ୟ ତଥ୍ୟ ସମ୍ପର୍କରେ ପରବର୍ତ୍ତୀ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ । ସୁନ୍ଦରଗଡ଼ ଭିଜିଲାନ୍ସର ସ୍ୱତନ୍ତ୍ର ଜଜ୍‌ଙ୍କ ଅନୁମତିକ୍ରମେ ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ଏହି ଚଢ଼ାଉ କରାଯାଉଛି । ଜଣେ ଅତିରିକ୍ତ ଏସ୍‌ପି, ୪ ଜଣ ଡିଏସ୍‌ପି, ୧୩ ଜଣ ଇନ୍ସପେକ୍ଟର, ୫ ଜଣ ଏଏସ୍‌ଆଇ ଏବଂ ଅନ୍ୟ ସହଯୋଗୀ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି ।

### ଏସଆଇ ପରୀକ୍ଷା କେଳେଙ୍କାରୀ ମାମଲା

## ଶଙ୍କର ପୃଷ୍ଟି ଘରେ ଇଡିର ରେଡ

**ବ୍ରହ୍ମପୁର ୦୯।୧୦ (ନି.ସୂ) :** ଏସଆଇ ପରୀକ୍ଷା କେଳେଙ୍କାରୀ ମାମଲା । ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଚାଲିଛି ଚଢ଼ାଉ । ସକାଳୁ ସକାଳୁ ବାଙ୍କୀରେ ଚଢ଼ାଉ ହୋଇଥିବା ବେଳେ ଏବେ ବ୍ରହ୍ମପୁର ମଧ ଚାଲିଛି ରେଡ୍ । ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ୬ ଜଣିଆ ଟିମ୍ ପକ୍ଷରୁ ଚାଲିଛି ଚଢ଼ାଉ ।

ବହୁଚର୍ଚ୍ଚିତ ଓଡ଼ିଶା ପୋଲିସ ସବ୍-ଇନ୍ସପେକ୍ଟର ନିଯୁକ୍ତି କେଳେଙ୍କାରୀ ମାମଲା। ଆକ୍ସନମୋଡକୁ ଆସିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି । ଶୁକ୍ରବାର ସକାଳୁ ସକାଳୁ ବିଭିନ୍ନ ଅଭିଯୁକ୍ତଙ୍କ ଭିନ୍ନ ଭିନ୍ନ ଠିକଣାରେ କରୁଛି ରେଡ୍ । ଏହିକ୍ରମରେ ମୁନ୍ନା ମହାନ୍ତି ନାଁ ମଧ ସାମିଲ ରହିଛି । ଶୁକ୍ରବାର ସକାଳୁ ବାଙ୍କୀ ସ୍ଥିତ ମୁନ୍ନା ମହାନ୍ତି ଘରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଛି । ଏକାସାଙ୍ଗେ ୯ଟି ସ୍ଥାନରେ ଚାଲିଛି ଚଢାଉ । ଆଉ ଏବେ ଆଉ ଜଣେ ଅଭିଯୁକ୍ତଙ୍କ ଘରେ ଚାଲିଛି ଚଢାଉ । ବ୍ରହ୍ମପୁର ସ୍ଥିତ ଶଙ୍କର ପୃଷ୍ଟିଙ୍କ ଘରେ ଛାନ୍‌ଭିନ୍ କରୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ମୁନା ମହାନ୍ତିଙ୍କ ସହ 'ପଞ୍ଚ ସଫ୍‌ଟ' କମ୍ପାନୀର ଶଙ୍କର ପୃଷ୍ଟି ଏବଂ 'ସିଲିକନ୍ ଟେକ୍'ର ସୁରେଶ ନାୟକଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଛାନଭିନ୍ ଚାଲିଛି। ପୂର୍ବରୁ ଏହି ଦୁର୍ନୀତିର ତଦନ୍ତ ସିବିଆଇ କରୁଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିସାରିଛି। ତଦନ୍ତରୁ ଏହି ପରୀକ୍ଷା ସ୍କାମ ପଛରେ କୋଟି କୋଟି ଟଙ୍କାର ଅବୈଧ କାରବାର ଓ ଆର୍ଥିକ ହେରଫେର ହୋଇଥିବା ପ୍ରମାଣ ମିଳିଛି।

## ନୋଏଡା ବିମାନବନ୍ଦର ହେବ ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ ବିମାନବନ୍ଦର

ନୂଆଦିଲ୍ଲୀ,୯।୧୦ : ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଜେୱାରରେ ନିର୍ମାଣ ହୋଇଥିବା ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଯୋଗୀ ସରକାର ନିଷ୍ପତ୍ତି ନେଇଛନ୍ତି ଯେ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରକୁ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାମରେ ନାମିତ କରାଯିବ। ଏହା ଏବେ "ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ ବିମାନବନ୍ଦର" ଭାବରେ ଜଣାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ବର୍ଷ ମାର୍ଚ୍ଚ ୨୮ ତାରିଖରେ ବିମାନବନ୍ଦରର ଉଦଘାଟନ କରିଥିଲେ। ପ୍ରଥମ ବିମାନ ଜୁନ ୧୫ ତାରିଖରେ ଲକ୍ଷ୍ନୌରୁ ଇଣ୍ଡିଗୋ ବିମାନ ସହିତ ଏଠାରେ ଅବତରଣ କରିଥିଲା। ଗଣମାଧ୍ୟମକୁ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ, ୟୁପି କ୍ୟାବିନେଟ ବିମାନବନ୍ଦର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି କୃତଜ୍ଞ। ସେ ଏହି ବିମାନବନ୍ଦରକୁ ଉତ୍ତର ପ୍ରଦେଶ ପାଇଁ ଏକ ପ୍ରମୁଖ ଉପହାର ଭାବରେ ବର୍ଣ୍ଣନା




କରିଛନ୍ତି। ସେ କହିଛନ୍ତି, "ଉତ୍ତର ପ୍ରଦେଶ କ୍ୟାବିନେଟ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜେୱାରରେ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରକୁ ରାଜ୍ୟକୁ ଉପହାର ଦେବା ପାଇଁ କୃତଜ୍ଞତା ଜଣାଉଛି। ଏହାକୁ 'ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ ବିମାନବନ୍ଦର, ନୋଏଡା-ଜେୱାର' ନାମିତ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି।" ସେ କହିଛନ୍ତି ଯେ ଏହି ବିମାନବନ୍ଦର ଉତ୍ତର ପ୍ରଦେଶର ସର୍ବବୃହତ ବିମାନବନ୍ଦର ଏବଂ ଦେଶର ଏକ ପ୍ରମୁଖ ବିମାନ ଚଳାଚଳ କେନ୍ଦ୍ର ହେବାକୁ ଯାଉଛି।

ଏହି ବିମାନବନ୍ଦରଟି ସ୍ୱିସ୍ କମ୍ପାନୀ ଜୁରିଚ୍ ବିମାନବନ୍ଦର ଇଣ୍ଟରନ୍ୟାସନାଲ୍ ଏଜିର ଏକ ସହାୟକ କମ୍ପାନୀ ଯମୁନା ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ନୋଏଡା ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ ଲିମିଟେଡ୍ ସହିତ ସହଯୋଗରେ ନିର୍ମିତ ହୋଇଥିଲା। ଏହି ବିମାନବନ୍ଦର ୧୧,୨୮୨ କୋଟି ଟଙ୍କା ବ୍ୟୟରେ ନିର୍ମିତ। ଏଥିରେ ବଡ଼ ବିମାନ ପରିଚାଳନା କରିବାକୁ ସକ୍ଷମ ୩,୯୦୦ ମିଟର ଲମ୍ବା ରନୱେ ଅଛି। ଏଥିରେ ଆଧୁନିକ ନାଭିଗେସନ୍ ସିଷ୍ଟମ ମଧ ରହିଛି।

### ବିଜେଡି ଜନସମ୍ପର୍କ ପଦଯାତ୍ରାରେ ବିଜେପିକୁ ନବୀନଙ୍କ ଟାର୍ଗେଟ୍

## 'ଓଡ଼ିଶାର ଛବି ମଳିନ କରିଛି ଡବଲ ଇଞ୍ଜିନ ସରକାର'

**ଭୁବନେଶ୍ୱର ୯।୧୦ (ନି.ସୂ):** ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ, ବିଜେଡି ସେବାରେ ବିଶ୍ୱାସ କରେ । ବିକାଶରେ ବିଶ୍ୱାସ କରେ । ବିଜେଡି ସରକାର ସମୟରେ ଦ୍ରୁତ ବିକାଶ ପାଇଁ ଓଡ଼ିଶା ସାରା ଦେଶରେ ଏକ ମଡେଲ ରାଜ୍ୟ ହୋଇ ପାରିଥିଲା ବୋଲି ପ୍ରକାଶ କରିବା ସହ ଏ ଅପାରଗ ସରକାର, ଡବଲ ଇଞ୍ଜିନ ସରକାର, ଅଢେଇ ବର୍ଷରେ ଓଡ଼ିଶାର ଛବିକୁ ପୁରା ମଳିନ କରି ସାରିଲେଣି ବୋଲି ନବୀନ କ୍ଷୋଭ ପ୍ରକାଶ କରିଥିଲେ । ପଦଯାତ୍ରା ସମୟରେ ଡବଲ ଇଞ୍ଜିନ



ସରକାରର ବିଫଳତାକୁ ପ୍ରତି ଘରେ ଘରେ ପହଞ୍ଚାଇ ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ନବୀନ ପଟ୍ଟନାୟକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା , ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଓ ମନ୍ମଥ ରାଉତରାୟ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କ ଲୋକ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ । ଏହି ସମାବେଶରେ ସ୍ଥାନୀୟ କର୍ପୋରେଟର ମାନେ ଉପସ୍ଥିତ ଥିଲେ ।ସୂଚନାଯୋଗ୍ୟ ଯେ, ଅକ୍ଟୋବର ଦୁଇ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ଏ ପଦଯାତ୍ରା ନଭେମ୍ବର ଦୁଇ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମରେ ପ୍ରାୟ ଦଶ ହଜାରରୁ ଅଧିକ ଜନ ସମାବେଶ ହୋଇଥିଲା ।

# ରାଜ୍ୟସ୍ତରୀୟ ବିଦ୍ୟାଳୟ ଆଥଲେଟିକ୍ସରେ ମାଲକାନଗିରି ଜିଲ୍ଲାକୁ ୮ ପଦକ

**ମାଲକାନଗିରି, ୯।୧୦(ନି.ସୂ) :** କେନ୍ଦୁଝରଠାରେ ଗତ ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୭୦ତମ ରାଜ୍ୟ ବିଦ୍ୟାଳୟ ସମୂହ ଆଥଲେଟିକ୍ସ ପ୍ରତିଯୋଗିତାରେ ମାଲକାନଗିରି ଜିଲ୍ଲାର କ୍ରୀଡ଼ାବିତ୍‌ମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଜିଲ୍ଲାର ପ୍ରତିଯୋଗୀମାନେ ମୋଟ ୮ଟି ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

୧୪ ବର୍ଷରୁ କମ୍ ବାଳକ ବିଭାଗରେ ମୁଦୁଲିପଡ଼ାସ୍ଥିତ ସରକାରୀ ଏସ୍‌ଏସ୍‌ଡି ବିଦ୍ୟାଳୟର ଛାତ୍ର ପୀତବାସ ଶିଷା ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ୪୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣପଦକ, ୧୦୦ ମିଟର ଓ ୨୦୦ ମିଟର ଦୌଡ଼ରେ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହ ୪x୧୦୦ ମିଟର ରିଲେ ଦୌଡ଼ରେ ମଧ୍ୟ ସେ ସ୍ୱର୍ଣ୍ଣପଦକ ବିଜୟୀ ଦଳର ସଦସ୍ୟ ଥିଲେ।ସେହିପରି ୧୪ ବର୍ଷରୁ କମ୍ ବାଳକ ବିଭାଗରେ କିଆଙ୍ଗସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ



ବିଦ୍ୟାଳୟର ମହେନ୍ଦ୍ର ନାୟକ ଉଚ୍ଚଡିଆଁ ପ୍ରତିଯୋଗିତାରେ ରୌପ୍ୟପଦକ ହାସଲ କରିଛନ୍ତି। ଏଥିସହ ରିଲେ ଦୌଡ଼ରେ ସ୍ୱର୍ଣ୍ଣପଦକ ବିଜୟୀ ଦଳରେ ସାମିଲ ହୋଇଥିଲେ। ଏହି ବିଭାଗରେ ରାଜେଶ ଗୋଲରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଆରଏସ୍‌ସି-୬ ପକ୍ଷରୁ ଡିସ୍କସ୍ ଥ୍ରୋରେ ବ୍ରୋଞ୍ଜପଦକ ଜିତିଛନ୍ତି। ଏହାବ୍ୟତୀତ ସଦାଖିଲ ରିଲେ ଦୌଡ଼ରେ ଜିଲ୍ଲାର ପ୍ରତିଯୋଗୀମାନେ ସ୍ୱର୍ଣ୍ଣପଦକ ହାସଲ କରିଥିବା ସୂଚନା ମିଳିଛି।

୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଦଳପତିଗୁଡ଼ାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କରିନା ଦଳପତି ସଟପୁଟ୍ ?ପ୍ରତିଯୋଗିତାରେ ବ୍ରୋଞ୍ଜପଦକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ୧୭ ବର୍ଷରୁ କମ୍ ବାଳକ ବିଭାଗର ୪x୧୦୦ ମିଟର ରିଲେ ଦୌଡ଼ରେ ଜଗନ୍ନାଥ ନାୟକ, ଆକାଶ ବନ୍ଦମ୍, ସଲିମ ମାଡକାମୀ ଓ ଅଭି ମାଡକାମୀ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜପଦକ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ମାଲକାନଗିରି ଜିଲ୍ଲା ମୋଟ ୨ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୫ଟି ବ୍ରୋଞ୍ଜପଦକ ସମେତ ମୋଟ ୮ଟି ପଦକ ହାସଲ କରିଛି। ଜିଲ୍ଲାର ଏହି ସଫଳତା କ୍ରୀଡ଼ା ମହଲରେ ଆନନ୍ଦ ଓ ଉତ୍ସାହ ସୃଷ୍ଟି କରିଛି। ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗୀରଥି ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍ ?ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା ସମସ୍ତ ପଦକ ବିଜେତା ଖେଳାଳି, ଟିମ୍ ମ୍ୟାନେଜର, କୋଚ୍ ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# କିଡନୀ ଓ ଲିଭର ଦାନ କରିଥିବା ମୃତକ ଦୁର୍ଗାବତୀଙ୍କୁ ରାଜ୍ୟ ସମ୍ମାନ ପ୍ରଦାନ

**ଢେଙ୍କାନାଳ, ୯।୧୦(ନି.ସୂ) :** ଗନ୍ଦିଆ ବ୍ଲକ୍ ଅନ୍ତର୍ଗତ ଦିଗାମ୍ବରପୁର ଗ୍ରାମର ମୃତକ ଦୁର୍ଗାବତୀ ରାଉତଙ୍କୁ ଆଜି ପୂର୍ବାହ୍ନରେ ରାଜ୍ୟ ସମ୍ମାନ ପ୍ରଦାନ ପୂର୍ବକ ଆରକ୍ଷୀ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ସେଠି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୂର୍ଯ୍ୟମଣି ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଡ଼ି. ଆଇ.ବି.) ଶ୍ରୀ ନିରଞ୍ଜନ ପାଢୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ପୁହାଣ, ଗନ୍ଦିଆ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ରୀନା ରାଣୀ ଖଟୁଆ, ନିହଲ ପ୍ରସାଦ ଥାନା ଅଧିକାରୀ ଶ୍ରୀ ଧୀରେନ୍ଦ୍ର କୁମାର ସ୍ୱାଇଁ, ବିଡ଼ିଓ ଶ୍ରୀ ପବିତ୍ର ମୋହନ ବେହେରା ପ୍ରମୁଖ



ପୁଷ୍ପଗୁଚ୍ଛ ଦେଇ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପ୍ରମୋଦ କୁମାର ରାଉତଙ୍କ ୪୪ ବର୍ଷିୟା ପତ୍ନୀ ଦୁର୍ଗାବତୀ ନିଜର କିଡ଼ନୀ ଓ ଲିଭର ଦାନ ପାଇଁ ସମ୍ମତି ପ୍ରଦାନ କରିଥିଲେ, ବ୍ରେନ୍ ଷ୍ଟେମ୍ ଯୋଗୁଁ ଭୁବନେଶ୍ୱରର ନିଳାଦ୍ରୀ ବିହାରସ୍ଥିତ ଉତ୍କଳ ହସ୍ପିଟାଲରେ ମୃତ୍ୟୁ ବରଣ କରିବା ପରେ ତାଙ୍କର କିଡ଼ନୀ ଓ ଲିଭରକୁ ବାହାର କରି ସଂରକ୍ଷିତ ରଖା ଯାଇଛି । ମୃତକ ଦୁର୍ଗାବତୀଙ୍କ ମର ଶରୀରକୁ ପୂର୍ବାହ୍ନ ୧୦ ଘଟିକା ସମୟରେ ଗ୍ରାମସ୍ଥିତ ମଶାଣିରେ ସମାଧିସ୍ଥ କରାଯାଇଥିଲା । ତାଙ୍କର ଏହି ମହାନ୍ ଦାନ ଯୋଗୁଁ ପ୍ରତିରୋପଣ ଦ୍ୱାରା ଅନ୍ୟର ଜୀବନ ବଞ୍ଚା ଯାଇପାରିବ ।

# ଛାତ୍ର ସଂସଦ ନିର୍ବାଚନକୁ ନେଇ ସମସ୍ତ କଲେଜ ସମ୍ମୁଖରେ ଉତ୍ସାହିତ ଛାତ୍ରଛାତ୍ରୀ

**ନୂଆପଡା, ୯।୧୦(ନି.ସୂ) :** ନୂଆପଡ଼ା ଜିଲ୍ଲା ସ୍ଥିତ କଲେଜ ଛାତ୍ର ସଂସଦ



ନିର୍ବାଚନ ନେଇ ସମସ୍ତ କଲେଜ ସମ୍ମୁଖରେ ଉତ୍ସାହିତ ରହିଛନ୍ତି। ନିର୍ବାଚନକୁ ଶାନ୍ତି ଶୃଙ୍ଖଳା, ଅବାଧ ଏବଂ ନିରପେକ୍ଷ କରିବା ପାଇଁ ପୋଲିସ ପ୍ରଶାସନ କଡା ନଜର ରହିଛି। କଲେଜ ପରିସର ମଧ୍ୟକୁ ବାହାର କାହାକୁ ପ୍ରବେଶ ନିଷେଧ ରହିଥିବା ବେଳେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି। ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ନେଇ ବିଦ୍ୟାର୍ଥୀଙ୍କ ମଧ୍ୟରେ ବ୍ୟାପକ ଉତ୍ସାହ ଦେଖା ଦେଇଥିବା ବେଳେ ଛାତ୍ର ନେତୃତ୍ୱର ମୂଳ ଦୁଆ ଏବଂ ସୁଯୋଗ ସୃଷ୍ଟି କରିବା ଏକ ମାଧ୍ୟମ ବୋଲି ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ ମାନେ ପ୍ରକାଶ କରିଛନ୍ତି। ଏବିଭିପି ସମର୍ଥିତ ସଭାପତି ପରୀ ଟଣ୍ଡନ, ଉପ ସଭାପତି ଆଶିଷ ନାଏକ, ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ବାରିକ, ସହ ସମ୍ପାଦକ ହରେକୃଷ୍ଣ ମାଝୀ ନାମାଙ୍କନ ଦାଖଲ କରିଛନ୍ତି। ୧୯ ପଦବୀ ରୁ ଏବିଭିପି ସମର୍ଥିତ ୧୭ ଗୋଟି ପଦବୀରେ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ବିଜୁ ଛାତ୍ର ଜନତା ଦଳ ସମର୍ଥିତ ସଭାପତି ରୂପେ ଯାସ ଦଣ୍ଡସେନା,ସାଧାରଣ ସମ୍ପାଦକ ଲିସା ସରାଫ, ଉପସଭାପତି ଭାବ ରେ ପ୍ରତିଭା ଦୁବେ ପ୍ରତିଦ୍ୱନ୍ଦିତା କରୁଛନ୍ତି।

# ଝୋଟ ଚାଷ ଉପରୁ ମୁହଁ ଫେରାଉଛନ୍ତି ଚାଷୀ

**ସାଲେପୁର, ୯।୧୦(ନି.ସୂ) :** ଆଧୁନିକତା ଚାଲି ଚଳଣି ଭିତରେ ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ଯୋଗୁଁ ଝୋଟରେ ପ୍ରସ୍ତୁତି ସାମଗ୍ରୀର ଚାହିଦା ଧୀରେ ଧୀରେ କମିବାକୁ ଲାଗିଲାଣି କ୍ଷ ଯାହା ଫଳରେ

ଝୋଟ ଚାଷ ଉପରୁ ମୁହଁ ଫେରାଉଛନ୍ତି ଚାଷୀ । ଦିନ ଥିଲା ଲଳିତା ଚାଷ ପାଇଁ ସାଲେପୁର ଅଞ୍ଚଳ ବେସ ଖ୍ୟାତି ଅର୍ଜନ କରିଥିଲା। ଏବେ ଏହି ଅଞ୍ଚଳରେ ଲଳିତା ଚାଷ କାଁ ଭାଁ ଅଞ୍ଚଳରେ ଦେଖିବାକୁ ମିଳୁଛି । ଲଳିତା ଚାଷ ପ୍ରତି ଚାଷୀ ମାନଙ୍କର ଆଦୃତା ଧୀରେ ଧୀରେ କମି କମିଜାଉଛି। ମାଣ ମାଣ ଲଳିତା ଚାଷ କରୁଥିବା ଚାଷୀ ଏବେ ଆଠ ଦଶଗୁଣ୍ଠ ଚାଷ କରୁଛନ୍ତି। ସାଧାରଣତଃ ଲଳିତା ଚାଷ ପାଇଁ ଚାଷୀ ମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡେ।



ଝୋଟ ଚାଷ ପାଇଁ ଲଳିତା ମଞ୍ଜି ବୁଣାବାଠୁଁ ଆରମ୍ଭ କରି କାଟିବା, କାଟିବା ପରେ ସେଥିରୁ ଝୋଟ ଉତ୍ପାଦନ କରିବା ପାଇଁ ଯେଉଁ ପରିମାଣରେ ଅର୍ଥ ବିନିଯୋଗ ହୁଏ ବା ପରିଶ୍ରମ ହୋଇଥାଏ ଚାଷୀ ମାନଙ୍କୁ ସେହି ପରିମାଣରେ ଲାଭ ମିଳିନଥାଏ । କେବଳ ଏହି ଚାଷକୁ ବଞ୍ଚେଇ ସହ ଦୀପାବଳିରେ ପିମ୍ପେଇ ଡାକିବା ପାଇଁ କାଉଁରିଆ ବେକା ଦରକାର ବୋଲି ସେଥିପାଇଁ ଏହି ଚାଷ କରିବା କଥା ବୋଲି ଚାଷୀ କହିଛନ୍ତି ।

ସରକାର ପଲିଥିନ ଓ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରୁଥିବା ବେଳେ ଝୋଟ ଚାଷ ପ୍ରତି ସଠିକ ଭାବେ ଦୃଷ୍ଟି ଦେଉନାହାନ୍ତି । ଘରେ ଘରେ ଏବେ ପଲିଥିନ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର ହେଉଛି । ସରକାର ଯଦି ଝୋଟ ଚାଷ ପ୍ରତି ଦୃଷ୍ଟି ଦିଅନ୍ତେ ଏଥିପାଇଁ କୃଷି ବିଭାଗ ପକ୍ଷରୁ ଯଦି ଝୋଟ ଚାଷ ପାଇଁ ଆବଶ୍ୟକୀୟ ପ୍ରୋତ୍ସାହନ ଯୋଗାଇବା ସହ ସରକାରୀ ସ୍ତରରେ ଝୋଟର ମାନ ବୃଦ୍ଧି ଯଦି ହୁଅନ୍ତା । ତାହେଲେ ଅଧିକାଂଶ ଚାଷୀ ଝୋଟ ଚାଷ କରିପାରନ୍ତେ ବୋଲି ଚାଷୀ କହୁଛନ୍ତି । ଅପର ପକ୍ଷରେ ଚାଷୀ ମାନଙ୍କୁ ଚଳିତ ବର୍ଷ ଆବଶ୍ୟକୀୟ ମଞ୍ଜି କୀଟନାସକ ସହ ହେକ୍ଟର ପିଛା ୯୦୦୦ ଟଙ୍କା ଯୋଗେଇ ଦିଆଯାଇଛି। ଚଳିତ ବର୍ଷ ସାଲେପୁର ବ୍ଲକରେ ୧୦୦ ହେକ୍ଟରରୁ ଉର୍ଦ୍ଧ ଲଳିତା ଚାଷ କରାଯାଇଥିବା କଥା କହିଛନ୍ତି ସାଲେପୁର ବ୍ଲକ କୃଷି ଅଧିକାରୀ । କେଉଁଟା ଠିକି । ଗୋଟିଏ ପଟେ ଚାଷୀ ମାନେ କହୁଛନ୍ତି ଲଳିତା ଚାଷ ପ୍ରତି ସରକାର ସ୍ତରରେ କିଛି ପ୍ରୋତ୍ସାହନ ମିଳୁନାହିଁ। ଏପଟେ କୃଷି ଅଧିକାରୀ କହୁଛନ୍ତି ପ୍ରତି ବର୍ଷ ସରକାରୀ ପ୍ରୋତ୍ସାହନ ଚାଷୀ ମାନଙ୍କୁ ଯୋଗାଇ ଦିଆଯାଉଛି ।

## ବନ୍ୟଜନ୍ତୁ ସଂରକ୍ଷଣରେ ଉଲ୍ଲେଖନୀୟ ଅବଦାନ ପାଇଁ

# ଦେବାଶିଷଙ୍କୁ ମିଳିଲା ଉପଖଣ୍ଡସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର

**ଖୋରଧା, ୯।୧୦(ନି.ସୂ) :** ଖୋରଧା ବନ୍ୟଜନ୍ତୁ ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ନିରନ୍ତର ଅବଦାନ ପାଇଁ ଦେବାଶିଷ ମହାନ୍ତିଙ୍କୁ ଉପଖଣ୍ଡସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମ୍ମାନ ତାଙ୍କର ଦୀର୍ଘ ପାଞ୍ଚ ବର୍ଷ ଧରି ଜାରି ରହିଥିବା ପ୍ରକୃତି ଓ ବନ୍ୟଜନ୍ତୁ ସୁରକ୍ଷା ପ୍ରୟାସକୁ ସ୍ୱୀକୃତି ଦେବା ସହ ଖୋରଧା ଉପଖଣ୍ଡ ପାଇଁ ଗୌରବ ଆଣିଛି। ଦେବାଶିଷ ମହାନ୍ତି ଖୋରଧା କେତେକ ଯୁବକଙ୍କୁ ସାଥୀ କରି ବନ୍ୟଜନ୍ତୁ ଓ ପକ୍ଷୀଙ୍କ ସୁରକ୍ଷା, ସେମାନଙ୍କ ପାଇଁ ଖାଦ୍ୟ ଓ ପାଣିର ବ୍ୟବସ୍ଥା କରିବା ସହ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଛନ୍ତି।

ଜଙ୍ଗଲ ବିଭାଗ ସହ ସମନ୍ୱୟ ରକ୍ଷା କରି କଲେଜସ୍ତରରେ ପ୍ରକୃତି ସଂରକ୍ଷଣ ଓ ପରିବେଶର ସନ୍ତୁଳନ ସମ୍ପର୍କରେ



ସଚେତନତା ସୃଷ୍ଟି କରିବାକୁ ମଧ୍ୟ ସେ ଉଦ୍ୟମ ଜାରି ରଖିଛନ୍ତି। ତାଙ୍କର ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସହାବସ୍ଥାନ ସୁନିଶ୍ଚିତ କରିବା ସହ ଜୈବ ବିବିଧତାର ସୁରକ୍ଷା। କେବଳ ବନ୍ୟପ୍ରାଣୀ ସଂରକ୍ଷଣ ନୁହେଁ, ସାମାଜିକ ସେବା କ୍ଷେତ୍ରରେ ମଧ୍ୟ ଦେବାଶିଷଙ୍କ ଅବଦାନ ରହିଛି। ବିନା ସରକାରୀ ସହାୟତାରେ ସେ ବୃଦ୍ଧବୃଦ୍ଧାଙ୍କୁ ଉଦ୍ଧାର ଓ ସହାୟତା, ମହିଳା ଓ ଝିଅମାନଙ୍କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଗରିବ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସହଯୋଗ କରିଆସୁଛନ୍ତି। ଏଥିସହ ଓଡ଼ିଶାର କଳା ଓ ସଂସ୍କୃତିର ସୁରକ୍ଷା ଦିଗରେ ମଧ୍ୟ ସେ କାର୍ଯ୍ୟ କରୁଛନ୍ତି। ବନ୍ୟଜନ୍ତୁଙ୍କ ସୁରକ୍ଷା ସହ ମଣିଷର ନିରାପତ୍ତାକୁ ସମନ୍ୱିତ କରିବା ପାଇଁ ଆଧୁନିକ ଜ୍ଞାନକୌଶଳର ଉପଯୋଗ ଉପରେ ମଧ୍ୟ ସେ ଗୁରୁତ୍ୱ ଦେଉଛନ୍ତି। ଏ କ୍ଷେତ୍ରରେ ଗବେଷଣା ଓ ନୂତନ ପଦକ୍ଷେପ ଗ୍ରହଣ ପାଇଁ ସରକାରୀ ସ୍ତରରୁ ସହଯୋଗ ମିଳିଲେ ତାଙ୍କର ପ୍ରୟାସ ଆହୁରି ଆଗକୁ ବଢ଼ିପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ବର୍ତ୍ତମାନ ସମୟରେ ପରିବେଶ ପ୍ରଦୂଷଣ, ଜଙ୍ଗଲ କ୍ଷୟ ଓ ଜୈବ ବିବିଧତାର ଅବକ୍ଷୟ ଏକ ଗମ୍ଭୀର ଚିନ୍ତାର ବିଷୟ ହୋଇଥିବାବେଳେ ଦେବାଶିଷ ମହାନ୍ତିଙ୍କୁ ମିଳିଥିବା ଏହି ପୁରସ୍କାର ପ୍ରକୃତିପ୍ରେମୀ ଓ ଯୁବପିଢ଼ିଙ୍କୁ ସଂରକ୍ଷଣ କାର୍ଯ୍ୟରେ ଆଗେଇ ଆସିବାକୁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି।

# କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ

**ସିନାପାଲି, ୯।୧୦(ନି.ସୂ) :** ନୂଆପଡ଼ା ଜିଲ୍ଲା, ସିନାପାଲି ବ୍ଲକ ଅନ୍ତର୍ଗତ ନିଳଜୀ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କ୍ଲଷ୍ଟର ଅଧିନସ୍ଥ ୧୫ ଗୋଟି ବିଦ୍ୟାଳୟର ପ୍ରାୟ ଦୁଇଶହ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଉଦଘାଟନୀ ସଭା ସ୍ଥାନୀୟ ସି.ଆର.ସି.ସି. ବାଲାଜୀ ହରିଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ।



ଉକ୍ତ ସଭାରେ ମୁଖ୍ୟ ଅତିଥି ରୁପେ ପୂର୍ବତନ ବନାଞ୍ଚଳ ଅଧିକାରୀ ସଦାନନ୍ ସୁନାନୀ ଯୋଗଦାନ କରିଥିବା ବେଳେ, ବିଶିଷ୍ଟ ଅତିଥି ରୁପେ ସିନାପାଲି ବ୍ଲକର ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟବ୍ରତ ଗହୀର , ମୁଖ୍ୟ ବକ୍ତା ରୁପେ ନିଳଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷ ଲଲୀତ କୁମାର ସୁନାରୀ ଓ ସମ୍ମାନିତ ଅତିଥି ରୁପରେ ବୈଁଗାପଡା ଉ.ପ୍ରା. ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଗୌରଚନ୍ଦ୍ର ସା,ସାଲେକେଲା ଉ.ପ୍ରା. ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସରୋଜ କୁମାର ପାତ୍ର, ସି.ଆରସି.ସି. ଜଗଦିଶ ତାଣ୍ଡି , ଦୁର୍ଯ୍ୟୋଧନ ମାଝି, ପ୍ରମୁଖ ଯୋଗଦାନ କରିଥିଲେ।

ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଚିତ୍ରାଙ୍କନ, ସୃଜନଶିଳ ରଚନା, ଜଣାଅଜଣା, ଗୀତ, ନୃତ୍ୟ , ବକ୍ତୃତା,ପି.ଏମ୍. ପୋଷଣ ମୋଡେଲେ, କଳା ଓ ହସ୍ତଶିଳ୍ପ, ଶୃତଲୀଖନ,ଆଦି ପ୍ରତିଯୋଗିତା କରାଯାଇଥିଲା।

ଏହି ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରାହ୍ନ ରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ରୁପେ ବେଳାରାଣୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାତ ନଳିନୀ ବେହେରା, ସମ୍ମାନିତ ଅତିଥି ରୁପେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟବ୍ରତ ଗହୀର, ଖଗେଶ୍ୱର ନାଏକ, ରାକେଶ ମିଶ୍ର, ହେରାମ୍ବ ଭୋଇ, ଭାଗ୍ୟବନ୍ତ ସାହୁ, ସରୋଜ କୁମାର ପାତ୍ର, ଅଖିଳ ଧରୁଆ, ଗୌର ଚନ୍ଦ୍ର ସା ପ୍ରମୁଖ ମଞ୍ଚାସୀନ ରହି ସୁରଭି କାର୍ଯ୍ୟକ୍ରମ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇ ଉତ୍ସାହିତ କରିଥିଲେ। କ୍ଲଷ୍ଟର ର ସମସ୍ତ ବିଦ୍ୟାଳୟ ର ଶିକ୍ଷକ ଓ ଶିକ୍ଷୟିତ୍ରୀ ବିଚାରକ ଦାୟିତ୍ୱ ତୁଲାଇଥିଲେ। ମଞ୍ଚ ପରିଚାଳନା ଶିକ୍ଷକ ଧିରେନ୍ଦ୍ର କୁମାର ସା ଓ ଦୀପକ ସା କରିଥିବା ବେଳେ, ସଭା ଶେଷରେ ଇବ୍ରାହିମ ଖାନ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ର ସଂସଦ ନିର୍ବାଚନକୁ ନେଇ ସିମୁଳିଆ କଲେଜ କ୍ୟାମ୍ପସ ଚଳଚଞ୍ଚଳ

**ସିମୁଳିଆ,୯।୧୦(ନି.ସୂ) :** ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକରେ ଅବସ୍ଥିତ ସିମୁଳିଆ କଲେଜ କ୍ୟାମ୍ପସରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଉଲ୍ଲାସ ଭରି ଯାଇଛି। ସୂଚନା ଅନୁଯାୟୀ ଦୀର୍ଘ ଦିନର ବ୍ୟବଧାନ ପରେ ରାଜ୍ୟ ସରକାରଙ୍କ ଘୋଷଣା ସିମୁଳିଆ କଲେଜରେ ପୁଣି ଛାତ୍ର ସଂସଦ ନିର୍ବାଚନକୁ ନେଇ ଚଳଚଞ୍ଚଳ ହୋଇ ଉଠିଛି କ୍ୟାମ୍ପସ। ନିର୍ବାଚନକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ବଢୁଥିବା ବେଳେ କ୍ୟାମ୍ପସରେ ଆରମ୍ଭ ହୋଇଛି ନେତୃତ୍ୱ ଓ ପ୍ରତିନିଧିତ୍ୱକୁ ନେଇ ଚର୍ଚ୍ଚା। ଛାତ୍ର ଛାତ୍ରୀ ମାନଙ୍କ ମହଲରେ ଉତ୍ସାହ ବଢ଼ିଛି। ଦୀର୍ଘ ସମୟ ପରେ ନିର୍ବାଚନ ନେଇ ଚର୍ଚ୍ଚା ଆରମ୍ଭ ହେବା ପରେ ବିଭିନ୍ନ ଛାତ୍ର ସଂଗଠନ ମଧ୍ୟ ନିଜ ନିଜ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିଥିବା ଦେଖାଯାଉଛି। ଏପରିକି ସରକାରଙ୍କ ର ଏହି ଐତିହାସିକ ଘୋଷଣା କୁ ଛାତ୍ରଛାତ୍ରୀ ମାନେ ସ୍ୱାଗତ କରି ବିଭିନ୍ନ ସ୍ଥାନରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହାୟତାରେ ଆଲୋଚନା ଆରମ୍ଭ କରିଛନ୍ତି।

# ସେବା ସଂକଳ୍ପ ଅଭିଯାନ ଅନୁଷ୍ଠିତ

**ଆନନ୍ଦପୁର, ୯।୧୦(ନି.ସୂ) :** ହାଟଡିହି ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ରେ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମ ରେ ହାଟଡିହି ବ୍ଲକ ବିଡ଼ିଓ ରଞ୍ଜନ କୁମାର ପରିଡାଙ୍କ ସଭାପତିତ୍ୱ ରେ କାଯାକ୍ରମ ଆଗେଇ ନେଇଥିବା ବେଳେ । ହାଟଡିହି ବ୍ଲକ ଏ ବି ଡ଼ି ଓ ରଶ୍ମିରେଖା ନାଇକ ହାଟଡିହି ଲେବର ଅଫିସର ଶାଶ୍ୱତ ପ୍ରିତମ ସହକାରୀ ଯନ୍ତ୍ରୀ ଜୟଦେବ ପାତ୍ର ମୋନାଲିସା ନାୟକ ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତ ସିଂହାର ଯୋଗ ଦେଇଥିଲେ। ସେହିପରି ମିଶନ ଶକ୍ତିର ଗୋଷ୍ଠୀ ଜୀବିକା ସଂଯୋଜକ ମିନାକ୍ଷୀ ମୋନାଲିସା ଜେନା ସୋର୍ଣ୍ଣଲତା ପୁଷ୍ଟି ବିଶ୍ୱଭୂଷଣ କର ଓ ପ୍ରତି ଗ୍ରାମ ପଞ୍ଚାୟତର ଏମ୍ପିକେ ଇସି ମେମ୍ବର ଏସ ଏଚ ମେମ୍ବର ଲେବର କାର୍ଡ ଧାରୀ ଉପସ୍ଥିତ ରହିଥିଲେ । ରାଜ୍ୟସରକାର ଙ୍କ କାର୍ଯ୍ୟକ୍ରମର ମୂଳ ଲକ୍ଷ ଗ୍ରାମାଞ୍ଚଳରେ ସେବା ଦ୍ୱାରା ଅବହେଳିତ ହିତାଧିକାରୀଙ୍କୁ ସାମିଲ



କରିବା ଓ ସେମାନଙ୍କ ଜନ ହିତ କର ଯୋଜନାରେ ସାମିଲ କରିବା ମୂଳ ଲକ୍ଷ । ଏହି କାର୍ଯ୍ୟକ୍ରମ ରେ ନୂତନ ଲେବର କାର୍ଡ ୧୦ଜଣ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା ।

## ମ.ରାମପୁର ବ୍ଲକରେ ସେବା ସେତୁ ଅଭିଯାନ

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା

**ମ.ରାମପୁର, ୯।୧୦(ନି.ସୂ) :** କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକ ସଭାଗୃହରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରଦ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ସେବା ସେତୁ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମା' ମାଣିକେଶ୍ୱରୀଙ୍କ ଫଟୋଚିତ୍ରରେ ଅତିଥିମାନେ



ପ୍ରଦୀପ ପ୍ରଜ୍ୱଳନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହ ଦେଓ ମୁଖ୍ୟ ଅତିଥି ଏବଂ ଅତିରିକ୍ତ ତହସିଲଦାର ଶମ୍ଭୁ ପ୍ରସାଦ ନାଏକ, ସାଂସଦ ପ୍ରତିନିଧି ପଦ୍ମଲୋଚନ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ କୁମାର ପ୍ରଧାନ ଓ ବରିଷ୍ଠ ବିଜେପି ନେତ୍ରୀ ସଞ୍ଜୁକ୍ତା ସିଂହ ଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନା ସମ୍ପର୍କରେ ଅତିଥିମାନେ ନିଜ ନିଜର ମତାମତ ରଖିଥିଲେ।

ଏଥିରେ ବ୍ଲକର ୧୯ ଟି ପଞ୍ଚାୟତର ସରପଞ୍ଚ, ଦେଡସୁଲି ପଞ୍ଚାୟତର ସମିତି ସଭ୍ୟ ତଥା ମ. ରାମପୁର ବିଜେପି ମଣ୍ଡଳ ସଭାପତି ଯାଜ୍ଞ ସେନ ପଣ୍ଡାଙ୍କ ସମେତ ସମସ୍ତ ସମିତି ସଭ୍ୟ ସଭ୍ୟା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟିର ବାର୍ଷିକ ସାଧାରଣ ବୈଠକ

**ବାରିପଦା, ୯।୧୦(ନି.ସୂ) :** ମୟୂରଭଞ୍ଜ ଜିଲ୍ଲାର ବାରିପଦା ସ୍ଥିତ ସ୍ଥାନୀୟ ଭଞ୍ଜପୁର ଦୁର୍ଗା ମଣ୍ଡପରେ ଭଞ୍ଜପୁର ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟିର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ପୂର୍ବତନ କାଉନସିଲର ଦର୍ପ ନାରାୟଣ ପାଲ, ବରିଷ୍ଠ ସଦସ୍ୟ ହର୍ଷବର୍ଦ୍ଧନ ଯାଦବଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ।

ଦର୍ପ ନାରାୟଣ ପାଲ ଗତବର୍ଷର ଆୟବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ ଯାହାକି ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ମା' ଙ୍କ ୭୪ତମ ପୂଜା ଅବସରରେ ଆୟୋଜିତ ହେବାକୁ ଥିବା ୩୨ତମ ମେଳାକୁ ସୁଚାରୁ ରୂପେ



ପରିଚାଳନା କରିବା ପାଇଁ ନୂତନ କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । ପୂଜା କମିଟି ଅଧ୍ୟକ୍ଷ ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ଉପାଧ୍ୟକ୍ଷ ଭାବେ ବିଶ୍ୱଜିତ ନାୟକ, ମେଳା କମିଟି ଅଧ୍ୟକ୍ଷ ଭାବେ ସାନନ୍ଦ ମାର୍ଣ୍ଡି ଓ ଉପାଧ୍ୟକ୍ଷ ଭାବେ କଳିଙ୍ଗ କେଶରୀ ଜେନା, କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଭାବେ କୃଷ୍ଣଓନନ୍ଦ ମହାନ୍ତି, ମୁଖ୍ୟ ସାଧାରଣ ସମ୍ପାଦକ ଭାବେ ଦର୍ପ ନାରାୟଣ ପାଲ, ସାଧାରଣ ସମ୍ପାଦକ (ପୂଜା) ରସିକାନନ୍ଦ ମିଶ୍ର, ସାଧାରଣ ସମ୍ପାଦକ (ମେଳା) ପ୍ରସନ୍ନଜିତ ମହାନ୍ତି, ସମ୍ପାଦକ (ପୂଜା) ସାମନ୍ତ ଶେଖର ପାଲ, ସମ୍ପାଦକ (ମେଳା) ଆଭାସ ଦେ, ସମ୍ପାଦକ (ଷ୍ଟଲ) ଅମୁଲ୍ୟ ଦାସ ଓ ସତ୍ୟବ୍ରତ ଧଳ, ସାଂସ୍କୃତିକ ସମ୍ପାଦକ ଭାବେ କିଶୋର ପଲେଇ, ସଭ୍ୟ ଦେୟ ଆଦାୟ ସମ୍ପାଦକ ଭାବେ ମନୋଜ ମହାନ୍ତି, କୋଷାଧ୍ୟକ୍ଷ ଭାବେ ସୁବ୍ରତ ଦାସ, ଗଣମାଧ୍ୟମ ସଂଯୋଜକ ଭାବେ ସୋମନାଥ ସିଂହ ଏବଂ ଉପଦେଷ୍ଟା କମିଟିର ଅଧ୍ୟକ୍ଷ ଭାବେ ଡା. ଦେବାଶିଷ ମାର୍ଣ୍ଡି ଓ ଉପାଧ୍ୟକ୍ଷ ଭାବେ ନନ୍ଦିକେଶ ଶେଜପଡା ପ୍ରମୁଖ ମନୋନୀତ ହୋଇଛନ୍ତି । ନଭେମ୍ବର ୧୮ ତାରିଖରେ ମା' ଙ୍କ ପୂଜାବିଧି ଆରମ୍ଭ ହେବ ଓ ଏହି ଅବସରରେ ନଭେମ୍ବର ୨୨ ତାରିଖରୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ଶ୍ରୀ ସିଂହଙ୍କ ସୂତ୍ରରୁ ପ୍ରକାଶ ଓ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ପୂଜା ଓ ମେଳାକୁ ଶାନ୍ତିଶୃଙ୍ଖଳା ସହ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ପୂଜା କମିଟି ଅଧ୍ୟକ୍ଷ ସୁଦାମ ମାର୍ଣ୍ଡି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

**ସୁଖ ଓ ଦୁଃଖର ମିଶ୍ରରେ ହିଁ ଜୀବନ । ସୁଖ ଦୁଃଖର ସନ୍ତୁଳନ ହିଁ ମଣିଷକୁ ସୁସ୍ଥ, ସୁନ୍ଦର ଆଉ ଅଭିଜ୍ଞ କରିତୋଳେ । ତାହାର ଆନୁପାତିକ ମୂଲ୍ୟାୟନ ସମ୍ଭବ ନୁହେଁ । ଆବଶ୍ୟକତା ବି ନୁହେଁ । ଯେତେବେଳେ ଯାହା ଯେମିତି ଯେଉଁ ଅନୁପାତରେ ଆସୁଛି ତାହା ଗ୍ରହଣ କରିବା ଉଚିତ୍ ।**

# ଏଲ୍ ନିନୋକୁ ନେଇ ଜାତିସଂଘର ଚେତାବନୀ

ବିଶ୍ୱବ୍ୟାପୀ ପାଣିପାଗ ବିଶେଷଜ୍ଞମାନେ ଏଲ୍ ନିନୋର ପ୍ରଭାବ ବୃଦ୍ଧିକୁ ନେଇ ଚେତାବନୀ ଦେଇଛନ୍ତି । ଅକ୍ଟୋବରରୁ ଡିସେମ୍ବର ଯାଏଁ ଏଲ୍-ନିନୋ କାରଣରୁ ତାପମାତ୍ରା ପ୍ରାୟ ୩.୭ ଡିଗ୍ରୀ ସେଲସିୟସ ଅଧିକ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି । ଏଲ୍ ନିନୋ କେନ୍ଦ୍ରବିନ୍ଦୁ ଥିବା ମଧ୍ୟ ଏବଂ ପୂର୍ବ କ୍ରାନ୍ତୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସମୁଦ୍ର ପୃଷ୍ଠର ତାପମାତ୍ରା ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ସ୍ୱାଭାବିକଠାରୁ ରେକର୍ଡ ୩.୭ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

**ପାଣିପାଗ ବିଶେଷଜ୍ଞ ଲିଅନ ସିମନ୍ସ ଏହି ପାଣିପାଗ ପରିବର୍ତ୍ତନକୁ ଏକ 'ସୁପର-ଡୁପର ଏଲ୍ ନିନୋ' ବୋଲି କହିଛନ୍ତି । ଚଳିତ ବର୍ଷର ଏହି ପାଣିପାଗ ପରିବର୍ତ୍ତନ ୧୯୫୦ ମସିହା ପରଠାରୁ ଦେଖାଯାଇଥିବା ସବୁଠାରୁ ଶକ୍ତିଶାଳୀ ଘଟଣାଗୁଡ଼ିକ ମଧ୍ୟରୁ ଅନ୍ୟତମ ହୋଇପାରେ ବୋଲି ଜାତିସଂଘ କହିଛି । ଜାତିସଂଘର ପାଣିପାଗ ଏବଂ ଜଳବାୟୁ ସଂସ୍ଥା ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍ଓ) କହିଛି, ଏଲ୍-ନିନୋ ମାନବ ସୃଷ୍ଟ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଆହୁରି ବଢ଼ାଇଦେବ । ପ୍ରଶାନ୍ତ ମହାସାଗରରୁ ବିପୁଳ ପରିମାଣରେ ଉତ୍ତାପ ବାହାରିବା କାରଣରୁ ପୃଥିବୀର ଏକ ବୃହତ ଅଂଶରେ ଅସ୍ୱାଭାବିକ ଗରମ ଅନୁଭୂତ ହେବ ।**

ପାଣିପାଗ ବିଶେଷଜ୍ଞ ଲିଅନ ସିମନ୍ସ ଏହି ପାଣିପାଗ ପରିବର୍ତ୍ତନକୁ ଏକ 'ସୁପର-ଡୁପର ଏଲ୍ ନିନୋ' ବୋଲି କହିଛନ୍ତି । ଚଳିତ ବର୍ଷର ଏହି ପାଣିପାଗ ପରିବର୍ତ୍ତନ ୧୯୫୦ ମସିହା ପରଠାରୁ ଦେଖାଯାଇଥିବା ସବୁଠାରୁ ଶକ୍ତିଶାଳୀ ଘଟଣାଗୁଡ଼ିକ ମଧ୍ୟରୁ ଅନ୍ୟତମ ହୋଇପାରେ ବୋଲି ଜାତିସଂଘ କହିଛି । ଜାତିସଂଘର ପାଣିପାଗ ଏବଂ ଜଳବାୟୁ ସଂସ୍ଥା ବିଶ୍ୱ ପାଣିପାଗ ସଂଗଠନ(ଡବ୍ଲ୍ୟୁଏମ୍ଓ) କହିଛି, ଏଲ୍-ନିନୋ ମାନବ ସୃଷ୍ଟ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଆହୁରି ବଢ଼ାଇଦେବ । ପ୍ରଶାନ୍ତ ମହାସାଗରରୁ ବିପୁଳ ପରିମାଣରେ ଉତ୍ତାପ ବାହାରିବା କାରଣରୁ ପୃଥିବୀର ଏକ ବୃହତ ଅଂଶରେ ଅସ୍ୱାଭାବିକ ଗରମ ଅନୁଭୂତ ହେବ । ଆମେରିକାକୁ ବାଦ୍ ଦେଇ ସବୁଠି ତାପମାତ୍ରା ବୃଦ୍ଧି ପାଇବା ସହିତ ଏଲ୍-ନିନୋ ଶୀତଦିନେ ମଧ୍ୟ ଏହାର 'ସର୍ବୋଚ୍ଚ ଶକ୍ତି' ବଜାୟ ରଖିବ । ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ଏଲ୍-ନିନୋ ଜାରି ରହିବ ବୋଲି ଡବ୍ଲ୍ୟୁଏମ୍ଓର ଆକଳନ କରିଛି ।

ଜଳବାୟୁ ବିଜ୍ଞାନୀ ଜେକ୍ ହାଉସଫାଦର କହିଛନ୍ତି, ଚଳିତ ବର୍ଷର ଏଲ୍ ?ନିନୋ ଏକ ଅଜଣା ପରିସ୍ଥିତି ଆଡ଼କୁ ମାଡ଼ିଚାଲିଛି । ୨୦୨୬ ଶେଷ ମାସଗୁଡ଼ିକରେ ବିଶ୍ୱର ବୃହତ୍ ଅଂଶରେ ସମୁଦ୍ର ପୃଷ୍ଠର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ହେବାର ସମ୍ଭାବନା ଅଛି । ଚିକାଗୋ ବିଶ୍ୱବିଦ୍ୟାଳୟର କ୍ଲାଇମେଟ ଇମ୍ପାକ୍ଟ ଲାବୋରଟୋରୀର ଗବେଷକମାନେ ଗତ ମାସରେ ପୂର୍ବାନୁମାନ କରିଥିଲେ ଯେ, ଚଳିତ ବର୍ଷର ଏହି 'ସୁପର-ଏଲ ନିନୋ' କାରଣରୁ ଜୁନରୁ ଫେବୃଆରୀ ୨୦୨୭ ମଧ୍ୟରେ ବିଶ୍ୱବ୍ୟାପୀ ପ୍ରାୟ ୪,୫୧,୦୦୦ ଅତିରିକ୍ତ ମୃତ୍ୟୁ ଘଟିପାରେ ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ

# 'ଶୁଣାଯାଇଥିବା ଜୀବିତ ଅଭିଜ୍ଞତା : ପ୍ରକୃତ ସ୍ୱର, ପ୍ରକୃତ ପରିବର୍ତ୍ତନ'

**ଡାକ୍ତର ସମ୍ରାଟ କର**

ସୁନ୍ଦର ସ୍ୱାସ୍ଥ୍ୟ ନିମନ୍ତେ ଲୋକମାନେ ମୁଖ୍ୟତଃ ଶରୀର ଉପରେ ହିଁ ବେଶି ଧ୍ୟାନ ଦେଇଥାନ୍ତି । ମାତ୍ର ମାନସିକ ସୁସ୍ଥତା ଓ ମାନସିକ ରୋଗ ସମ୍ବନ୍ଧରେ ଭାରତୀୟମାନଙ୍କ ମଧ୍ୟରେ ସଚେତନତାର ଘୋର ଅଭାବ ରହିଛି । ଅକ୍ଟୋବର ୧୦ ହେଉଛି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ । ଚଳିତବର୍ଷର ଅଭିବ୍ୟକ୍ତ ହେଉଛି 'ଶୁଣାଯାଇଥିବା ଜୀବିତ ଅଭିଜ୍ଞତା : ପ୍ରକୃତ ସ୍ୱର, ପ୍ରକୃତ ପରିବର୍ତ୍ତନ । ଜୀବନର ପ୍ରତିଟି କ୍ଷଣ ଆହ୍ୱାନଭରା ଓ ପ୍ରତିଟି ମୁହୂର୍ତ୍ତ ଆଗାମୀ ସମୟ ପାଇଁ ଏକ ବଡ଼ ଅଭିଜ୍ଞତା ମଧ୍ୟ । ଏ କ୍ଷେତ୍ରରେ ବିଶେଷକରି ଯୁବ ବର୍ଗଙ୍କ ପାଇଁ ଆହ୍ୱାନ ହେଉଛି ସେମାନେ ନିଜ ଜୀବନର ପ୍ରକୃତ ସ୍ୱରକୁ ଶୁଣି ପାରି ଏହାକୁ ଜୀବନ ବଢ଼ାଇବା କ୍ଷେତ୍ରରେ ପ୍ରମାଣିତ କରିବାର ପରିବର୍ତ୍ତନ । ଆଜିର ସମୟରେ ଜୀବନ ସନ୍ଧୀକ୍ଷଣ ମଧ୍ୟ ପ୍ରତ୍ୟେକଙ୍କ ପାଇଁ ପ୍ରତିଟି ସକାଳରୁ ରାତ୍ରୀ ପର୍ଯ୍ୟନ୍ତ ଆହ୍ୱାନଭରା ଏବଂ କର୍ମପୂର୍ଣ୍ଣ । ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ଦେଖିଲେ ଭାରତର ଆଗାମୀ ଭବିଷ୍ୟତ କୁହାଯାଉଥିବା ଯୁବ ବର୍ଗମାନେ ମାନସିକ ସୁସ୍ଥତା କ୍ଷେତ୍ରରେ ଅନେକ ଭାବରେ ପୀଡ଼ିତ । ଯୁବବର୍ଗ ମାନଙ୍କ କ୍ଷେତ୍ରରେ ମାନସିକ ରୋଗ ଏବେ ସମ୍ବେଦନଶୀଳ ହୋଇପଡ଼ିଛି । ତେଣୁ ଏମାନଙ୍କୁ ସଚେତନ କରାଇବା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସାମ୍ପ୍ରତିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ସମଗ୍ର ବିଶ୍ୱରେ ପ୍ରାୟ ପଚାଶ କୋଟିରୁ ଉର୍ଦ୍ଧ୍ୱ ଲୋକ ବିଭିନ୍ନ ମାନସିକ ସମସ୍ୟା ଦ୍ୱାରା ଆକ୍ରାନ୍ତ । ଭାରତରେ ମାନସିକ ରୋଗୀଙ୍କ ସଂଖ୍ୟା ଅତି ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ଆକଳନରୁ ଜଣାପଡ଼ିଛି ୨୦୩୦ ସୁଦ୍ଧା ଦେଶରେ ପ୍ରାୟ ୨୫% ଲୋକ ବିଭିନ୍ନ ମାନସିକ ସମସ୍ୟାର ଶିକାର ହେବେ । ଭାରତରେ ଦେଖାଯାଉଥିବା ପ୍ରମୁଖ ମାନସିକ ରୋଗଗୁଡ଼ିକ ହେଲା ଅବସାଦ (ଡିପ୍ରେସନ), ସ୍କିଜୋଫ୍ରେନିଆ, ମାନସିକ ଉଦ୍‌ବେଗ (ଏଙ୍ଗଜାଇଟି) ଓ ବାଇପୋଲର । ଏଥିମଧ୍ୟରୁ ଅବସାଦ ରୋଗ ସର୍ବାଧିକ ମାତ୍ରାରେ ଦେଖାଯାଇଥାଏ । କିନ୍ତୁ ସ୍କିଜୋଫ୍ରେନିଆ ସବୁଠାରୁ ମାରାତ୍ମକ ।

କିଶୋରାବସ୍ଥା ଓ ଯୁବାବସ୍ଥାରେ ଜୀବନରେ ଅନେକ ପରିବର୍ତ୍ତନ ଦେଖାଯାଇଥାଏ । ଚଉଦ ବର୍ଷ ବୟସ ସୁଦ୍ଧା ପିଲାମାନଙ୍କ ଠାରେ ଅର୍ଦ୍ଧାଧିକ ମାନସିକ ସମସ୍ୟା ଆରମ୍ଭ ହୋଇଥାଏ । କିଶୋରାବସ୍ଥାରେ ଯେତେ ପ୍ରକାରର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଇଥାଏ ସେଥିମଧ୍ୟରୁ ଡିପ୍ରେସନ ଏକ ଗୁରୁତର ସମସ୍ୟା । ୧୫ରୁ ୨୯ ବର୍ଷ ବୟସ ମଧ୍ୟରେ ଯୁବତୀଯୁବକମାନଙ୍କ ମୃତ୍ୟୁର ଏକ ପ୍ରମୁଖ କାରଣ ହେଉଛି ଆତ୍ମହତ୍ୟା । ଏହାଛଡ଼ା ମଦ ଓ ଅନ୍ୟାନ୍ୟ ନିଶାର ଜାଲରେ ଛନ୍ଦି ହୋଇ ପଡ଼ିବା ଫଳରେ ସେମାନଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିବା ସହିତ ସେମାନଙ୍କର ଭବିଷ୍ୟତ ମଧ୍ୟ ଅନ୍ଧକାରମୟ ହୋଇଯାଉଛି । ଗତ କିଛିବର୍ଷ ମଧ୍ୟରେ ସ୍ମାର୍ଟଫୋନ, ଇଣ୍ଟରନେଟ ଓ ସୋସିଆଲ ମିଡ଼ିଆର ମାତ୍ରାଧିକ ବ୍ୟବହାର ଅନେକ କିଶୋର, କିଶୋରୀ ଓ ଯୁବତୀ ଯୁବକଙ୍କ ମଧ୍ୟରେ ଦେଖାଯାଉଛି, ଯାହାଫଳରେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ଉପରେ ଅନେକ କୁପ୍ରଭାବ ପଡୁଛି । ସେହିପରି ପାଠପଢ଼ାର ଅତ୍ୟଧିକ ଚାପ, ଅଭିଭାବକଙ୍କର ଆଶାନୁଯାୟୀ ପରୀକ୍ଷାରେ ଅଧିକ ନମ୍ବର ରଖି ନପାରିବା, କୌଣସି କଥାରେ ଅତ୍ୟଧିକ ଭାବପ୍ରବଣ ଯୋଗୁଁ ଅନେକ ଯୁବତୀ ଯୁବକ ଆତ୍ମହତ୍ୟା କରୁଛନ୍ତି ।

ପ୍ରତ୍ୟେକ ଅଭିଭାବକ ନିଜର ପିଲାର ବ୍ୟବହାର ଉପରେ ନଜର ରଖିବା ଦରକାର । ଯେପରିକି ପିଲାମାନଙ୍କ ବ୍ୟବହାରରେ କୌଣସି ପରିବର୍ତ୍ତନ ଯେମିତିକି ଅଧିକ ଚିଡ଼ିଚିଡ଼ା ହେବା, ଏକୁଟିଆ ରହିବା, ପାଠରେ କମ୍ ଧ୍ୟାନ ଦେବା, ମୋବାଇଲ ଫୋନ ଅଧିକ ବ୍ୟବହାର କରିବା, କମ୍ ଶୋଇବା, ଖାଦ୍ୟ କମ୍ ଖାଇବା, ସାଙ୍ଗ ଓ ପରିବାର ଲୋକଙ୍କ ସହିତ ମିଳାମିଶା କମ୍ କରିବା, ଛୋଟ ଛୋଟ କଥାରେ ଭୟଭୀତ ହୋଇଯିବା, କୌଣସି ବି ନିଶାଦ୍ରବ୍ୟ ସେବନ କରିବା ଆଦି ଦେଖାଦେଲେ ସେମାନଙ୍କ ପ୍ରତି ଧ୍ୟାନ ଦେବାକୁ ପଡ଼ିବ । ଏସବୁ ଲକ୍ଷଣ ବିଭିନ୍ନ ମାନସିକ ରୋଗ ଯଥା ଡିପ୍ରେସନ, ଏଙ୍ଗଜାଇଟି, କେତେକ ବ୍ୟବହାରିକ ସମସ୍ୟା କିମ୍ବା ବିଭିନ୍ନ ନିଶାଦ୍ରବ୍ୟ ସେବନ ଜନିତ ସମସ୍ୟା ହୋଇପାରେ । ତେଣୁ ଏସବୁ ସମସ୍ୟାକୁ ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରୀ । ଯୁବ ବୟସରେ ନିଜ ମନର କଥା ନିଜ ପ୍ରିୟଜନଙ୍କୁ ଜଣାଇବା ଉଚିତ କୌଣସି କଥାରେ ଅତ୍ୟଧିକ ବ୍ୟସ୍ତ ଓ ଭାବପ୍ରବଣ ହୋଇ ଭୁଲ ନିଷ୍ପତ୍ତି ନ ନେବା ଉଚିତ । ଜୀବନ ସନ୍ଧୀକ୍ଷଣରେ ଯୁବ ବୟସ ସବୁଠାରୁ ମହତ୍ୱପୂର୍ଣ୍ଣ ଓ ଆହ୍ୱାନଭରା । ଏ କ୍ଷେତ୍ରରେ ସମସ୍ତଙ୍କର ଉତ୍ତରଦାୟୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି, ସୁଖ ଓ ଦୁଃଖ ହିଁ ଜୀବନର ଦୁଇ ପାର୍ଶ୍ୱ ଏହାକୁ ବୁଝି ଉଚିତ ଓ ଶାନ୍ତିପୂର୍ଣ୍ଣ, ସକରାତ୍ମକ ଜୀବନ ଜୀଇଁବା ଆଦୌ କଷ୍ଟକର ନୁହେଁ, ହୁଏତ ଏହା ଆହ୍ୱାନଭରା ହୋଇପାରେ !!

**କଟକ, ଦୂରଭାଷ : ୯୧୩୨୪୩୩୩୩୩**

# ମହାଳୟା ଓ ଶ୍ରାଦ୍ଧ

**ଅରକ୍ଷିତ ଦାସ**

ଆଶ୍ୱିନ୍ ମାସର ଅମାବାସ୍ୟା ହେଉଛି ମହାଳୟା ଅମାବାସ୍ୟା । ଏହି ସମୟରେ ସୂର୍ଯ୍ୟ କନ୍ୟା ରାଶିରେ ଅବସ୍ଥାନ କରିଥାନ୍ତି । ମହାଳୟା ଅମାବାସ୍ୟାସେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ମହାଳୟା ଶ୍ରାଦ୍ଧ କରାଯାଏ । ହିନ୍ଦୁ ସମାଜରେ ନିତ୍ୟ, ନୈମିତ୍ତିକ, କାମ୍ୟ, ବୃଦ୍ଧି ଓ ପାର୍ବଣ ଶ୍ରାଦ୍ଧ ନାମରେ ଯେଉଁ ପଞ୍ଚବିଧି ଶ୍ରାଦ୍ଧର ପ୍ରଚଳନ ଅଛି ତନ୍ମଧ୍ୟରେ ମହାଳୟା ଶ୍ରାଦ୍ଧର ଆଦର ଅଧିକ । ଆଶ୍ୱିନ ମାସର କୃଷ୍ଣ ପ୍ରତିପଦ ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ କହନ୍ତି ପିତୃପକ୍ଷ । ଏହି ପିତୃପକ୍ଷରେ ତୀର୍ଥକ୍ଷେତ୍ର, ପୁଣ୍ୟତୋୟା ନଦୀ କିନ୍ତୁ ପୁଷ୍କରିଣୀରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଏ । ଦିବଂଗତ ଗୁରୁ, ସମ୍ପର୍କୀୟ, ପରିଚିତ ବ୍ୟକ୍ତିଙ୍କ ପାଇଁ ମଧ୍ୟ ଏହି ତର୍ପଣ କରାଯାଏ । ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ତର୍ପଣ ପରେ ଅମାବାସ୍ୟା ଦିନ ପିଣ୍ଡଦାନ କରାଯାଏ । ଏହି ପନ୍ଦର ଦିନ ପିତୃପର୍ବ ପାଇଁ ଉଦ୍ଦିଷ୍ଟ । ଦେବଦେବୀଙ୍କ ଉଦ୍ଦେଶ୍ୟରେ ଯେଉଁ ପୂଜା ଅର୍ଚ୍ଚନା କରାଯାଏ ତାହା ହେଉଛି ଦେବ ପର୍ବ । ଶ୍ରାଦ୍ଧ ହିଁ ପିତୃପର୍ବ । ଶ୍ରଦ୍ଧାରେ ଯେଉଁ ଅନ୍ନାଦି ଭୋଜ୍ୟ ଦ୍ରବ୍ୟ ପ୍ରଦାନ କରାଯାଏ ତାହା ଶ୍ରାଦ୍ଧ । ଭୂଲୋକରେ ଆତ୍ମୀୟ ବା ସମ୍ପର୍କୀୟଙ୍କ ପ୍ରଦତ୍ତ ଭୋଜ୍ୟ ପିତୃଲୋକରେ ପିତୃଗଣଙ୍କ ଗ୍ରହଣୀୟ ଦ୍ରବ୍ୟରେ ପରିବର୍ତ୍ତିତ ହୋଇଯାଏ ବୋଲି ବିଶ୍ୱାସ ରହିଛି । ମହାଳୟା ଶ୍ରାଦ୍ଧରେ ସ୍ୱୟଂ ବିଷ୍ଣୁ ବୈଶ୍ୱଦେବ ରୂପେ ଶ୍ରାଦ୍ଧସ୍ଥଳରେ ଉପସ୍ଥିତ ରହନ୍ତି । ମହାଳୟା ଦିନ ଗୟାକ୍ଷେତ୍ରରେ ପିଣ୍ଡଦାନ କଲେ ପିତୃଲୋକ ପରିତୃପ୍ତ ହୁଅନ୍ତି । ତେବେ ଭୁବନେଶ୍ୱର ଓ ବିରଜା କ୍ଷେତ୍ର ଯାଜପୁରରେ ମଧ୍ୟ ମହାଳୟା ଶ୍ରାଦ୍ଧ ଦାନ ପୁଣ୍ୟଦାୟକ ।

ହିନ୍ଦୁ ମାନ୍ୟତା ଅନୁଯାୟୀ ପିଣ୍ଡଦାନ ମୋକ୍ଷ ପ୍ରାପ୍ତି ପାଇଁ ଏକ ସହଜ ଏବଂ ସରଳ ମାର୍ଗ । ଏମିତି ଦେଶରେ ଅନେକ ସ୍ଥାନରେ ପିଣ୍ଡଦାନ କରାଯାଏ । ତେବେ ବିହାରର ଗୟାରେ ପିଣ୍ଡଦାନ ଖୁବ୍ ମହତ୍ତ୍ୱପୂର୍ଣ୍ଣ । ବିଶ୍ୱାସ କରାଯାଏ ଭଗବାନ ଶ୍ରୀରାମ ଏବଂ ମା'ସୀତା ରାଜା ଦଶରଥଙ୍କ ଆତ୍ମାର ଶାନ୍ତି ପାଇଁ ଗୟାରେ ପିଣ୍ଡଦାନ କରିଥିଲେ । ଗୟାକୁ ବିଷ୍ଣୁଙ୍କ ନଗର କୁହାଯାଏ । ଏହାକୁ ମୋକ୍ଷର ଭୂମି ମଧ୍ୟ କୁହାଯାଏ । ବିଷ୍ଣୁ ପୁରାଣ ଏବଂ ବାୟୁ ପୁରାଣରେ ଏହାର ଉଲ୍ଲେଖ ଅଛି । ବିଷ୍ଣୁ ପୁରାଣ ଅନୁଯାୟୀ ଗୟାରେ ପିଣ୍ଡଦାନ କଲେ ପୂର୍ବଜଙ୍କ ଆତ୍ମା ମୋକ୍ଷ ପ୍ରାପ୍ତି କରେ ଏବଂ ସେମାନେ ସ୍ୱର୍ଗରେ ବାସ କରନ୍ତି । ବିଶ୍ୱାସ



କରାଯାଏ ସ୍ୱୟଂ ବିଷ୍ଣୁ ଏଠାରେ ପିତୃଦେବତା ଭାବରେ ଉପସ୍ଥିତ । ତେଣୁ ଏହାକୁ ପିତୃତୀର୍ଥ ମଧ୍ୟ କୁହାଯାଏ । ଗୟାରେ ଥିବା ପଣ୍ଡିତମାନେ କୁହନ୍ତି, ଫଲଗୁ ନଦୀର ତଟରେ ପିଣ୍ଡ ଦାନ ନକଲେ ଏହା ଅସଂପୂର୍ଣ୍ଣ ରହିଯାଏ । କିମ୍ବଦନ୍ତୀ ଅନୁଯାୟୀ ଭସ୍ମାସୁରର ବଂଶଜ ଗୟାସୁର କଠିନ ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବର ମାଗିନେଇଥିଲେ ଯେ, ତାର ଶରୀର ଦେବତାମାନଙ୍କ ପରି ପବିତ୍ର ହୋଇଯିବ ଏବଂ ତାକୁ ଦର୍ଶନ କରିବା ମାତ୍ରେ ଲୋକମାନେ ପାପମୁକ୍ତ ହୋଇଯିବେ । ଏହି ବର ମିଳିବା ପରେ ସ୍ୱର୍ଗର ଜନସଂଖ୍ୟା ବଢ଼ିବାରେ ଲାଗିଲା ଏବଂ ସବୁକିଛି ପ୍ରକୃତିର ନିୟମ ବିପରୀତରେ ଚାଲିଲା । ଲୋକମାନେ ବିନା ଭୟରେ ପାପ କଲେ ଏବଂ ଗୟାସୁରଙ୍କୁ ଦର୍ଶନ କରି ପାପମୁକ୍ତ ହେଲେ । ଏଥିରୁ ରକ୍ଷା ପାଇବା ପାଇଁ ଦେବତାମାନେ ଗୟାସୁରଙ୍କୁ ଯଜ୍ଞ ପାଇଁ ପବିତ୍ର ଭୂମି ମାଗିଲେ । ଗୟାସୁର ନିଜ ଶରୀର ଦେବତାମାନଙ୍କ ଯଜ୍ଞ ପାଇଁ ଦେଇଦେଲା । ଯଜ୍ଞଭୂମି ଭାବରେ ବ୍ୟବହୃତ ହେବା ପାଇଁ ଗୟାସୁର ଭୂମିରେ ଶୋଇଲା ଏବଂ ତାର ଶରୀର ପାଞ୍ଚ କୋଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଗଲା । ପରବର୍ତ୍ତୀ ସମୟରେ ଏହି ପାଞ୍ଚ କୋଶ ସ୍ଥାନକୁ କୁହାଗଲା ଗୟା ।

ଯଜ୍ଞରେ ପୋଡ଼ିବା ପରେ ମଧ୍ୟ ଗୟାସୁର ମନରୁ ଲୋକମାନଙ୍କୁ ପାପମୁକ୍ତ କରିବାର ଇଚ୍ଛା ଲୋପ ପାଇଲା ନାହିଁ । ସେ ଦେବତାମାନଙ୍କୁ ବର ମାଗିଲା । ଏହି ସ୍ଥାନରେ ଲୋକଙ୍କୁ ମୋକ୍ଷ ଦେବ । ଯେଉଁ ବ୍ୟକ୍ତି ଏଠାରେ କାହାର ଶ୍ରାଦ୍ଧ ପାଇଁ ପିଣ୍ଡଦାନ କରିବେ ତାଙ୍କୁ ମୁକ୍ତି ମିଳିବ । ଏହି କାରଣରୁ ଆଜିବି ଲୋକମାନେ ପିତୃପୁରୁଷଙ୍କ ଆତ୍ମାକୁ ମୁକ୍ତି ଦେବା ପାଇଁ ଗୟାରେ ପିଣ୍ଡଦାନ କରିନ୍ତିଦ ।

ଶାସ୍ତ୍ରରେ ପିତୃପୁରୁଷଙ୍କ ସ୍ଥାନ ଖୁବ୍ ଉଚ୍ଚରେ ବୋଲି ବର୍ଣ୍ଣନା କରାଯାଇଛି । ସେ ଚନ୍ଦ୍ରମା ଠାରୁ ଦୂରରେ ଏବଂ ଦେବତାଙ୍କ ଠାରୁ ଉଚ୍ଚ ସ୍ଥାନରେ ରୁହନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ପିତୃପୁରୁଷଙ୍କ ମଧ୍ୟରେ ମୃତ ପୂର୍ବଜ ଯଥା - ବାପା- ମା, ଜେଜେବାପା - ଜେଜେମା, ଅଜା-ଆଈଙ୍କ ସମେତ ସବୁ ପୂର୍ବଜ ସାମିଲ । ପରଲୋକଗତ ଗୁରୁ ଏବଂ ଆଚାର୍ଯ୍ୟ ମଧ୍ୟ ପିତୃପୁରୁଷଙ୍କ ମଧ୍ୟରେ ସାମିଲ । ଦେଶରେ ଶ୍ରାଦ୍ଧ ପାଇଁ ହରିଦ୍ୱାର, ଗଙ୍ଗାସାଗର, ପୁରୀ, କୁରୁକ୍ଷେତ୍ର, ଚିତ୍ରକୁଟ, ପୁଷ୍କର, ବଦ୍ରିନାଥ ସମେତ ୫୫ଟି ସ୍ଥାନର ବିଶେଷତ୍ୱ ମହତ୍ତ୍ୱ ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ତେବେ ଗୟା ଏସବୁ ସ୍ଥାନର ଶୀର୍ଷରେ ରହିଛି । ଗରୁଡ଼ ପୁରାଣରେ କୁହାଯାଇଛି ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ଘରୁ ବାହାରିବା ପରେ ଗୟାରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ପିତୃପୁରୁଷଙ୍କ ସ୍ୱର୍ଗାରୋହଣ ପାଇଁ ଗୋଟିଏ ଗୋଟିଏ ସିଡ଼ି ସଦୃଶ ।

ହିନ୍ଦୁ ପୁରାଣ ଅନୁଯାୟୀ ପିତୃପୁରୁଷଙ୍କ ତିନିପିଢ଼ି ପିତୃଲୋକରେ ରୁହନ୍ତି । ଏହା ପୃଥ୍ୱୀଲୋକ ଓ ଦେବଲୋକ ମଧ୍ୟରେ ଅଛି । ଏହି ଲୋକର ଅଧିଶ୍ୱର ମୃତ୍ୟୁଦେବତା ଯମ । ତୃତୀୟ ପିଢ଼ି ପରେ ଚତୁର୍ଥ ପିଢ଼ିର ବଂଶଜ ପିତୃଲୋକରେ ପହଞ୍ଚିଲେ ପ୍ରଥମ ପିଢ଼ିର ପୂର୍ବଜ ସ୍ୱର୍ଗକୁ ଚାଲିଯାନ୍ତି । ତେଣୁ ସେମାନଙ୍କ ପାଇଁ ପିଣ୍ଡ ଦେବା ଆବଶ୍ୟକ ହୁଏନି । ତେଣୁ ପିତୃଲୋକରେ ଥିବା ଆମ ପୂର୍ବଜଙ୍କ ତିନିପିଢ଼ି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ ଦିଆଯାଏ । ହିନ୍ଦୁପୁରାଣ ଅନୁଯାୟୀ ଆଶ୍ୱିନ ମାସରେ ପିତୃପକ୍ଷ ଆରମ୍ଭରେ ସୂର୍ଯ୍ୟ କନ୍ୟା ରାଶିରେ ପ୍ରବେଶ କରନ୍ତି । ଏହି ସମୟରେ ପିତୃପୁରୁଷଙ୍କ ଆତ୍ମାମାନେ ପିତୃଲୋକ ଛାଡ଼ି ନିଜ ବଂଶଜଙ୍କ ଘରକୁ ଯାଆନ୍ତି । ସୂର୍ଯ୍ୟ ବିଛା ରାଶିକୁ ଆସିଲେ ସେମାନେ ପୁଣି ପିତୃଲୋକକୁ ଫେରନ୍ତି । କିମ୍ବଦନ୍ତୀ କୁହେ ମହାଭାରତ ଯୁଦ୍ଧ ପରେ ଯେତେବେଳେ ମହାଦାନୀ କର୍ଣ୍ଣଙ୍କ ଆତ୍ମା ପିତୃଲୋକକୁ ଗଲା ସେଠାରେ ତାଙ୍କୁ ସୁନା ଗହଣା ଆଦି ଖାଇବାକୁ ଦିଆଗଲା । ଖାଦ୍ୟ ନପାଇ କର୍ଣ୍ଣ ଏହାର ରହସ୍ୟ ଯମଙ୍କୁ ପଚାରିଲେ । ଯମ କହିଲେ - ଆପଣ ଜୀବନଯାକ ଟଙ୍କା, ସୁନା, ରୂପା ଆଦି ଦାନ କରିଛନ୍ତି ।

କିନ୍ତୁ ପୂର୍ବଜମାନଙ୍କ ପାଇଁ ଶ୍ରାଦ୍ଧ କରି ସେମାନଙ୍କ ଉଦ୍ଦେଶ୍ୟରେ ଖାଦ୍ୟ ଦାନ କରିନାହାନ୍ତି । କର୍ଣ୍ଣ କହିଲେ - ମୁଁ ମୋ ପୂର୍ବଜଙ୍କ ବିଷୟରେ ଜାଣିନି ତେଣୁ ସେମାନଙ୍କ ସ୍ମୃତିରେ ଶ୍ରାଦ୍ଧ କରିପାରିନି । ଏହାପରେ ଯମ ତାଙ୍କୁ ପୃଥ୍ୱୀଲୋକକୁ ପନ୍ଦର ଦିନ ଫେରି ଶ୍ରାଦ୍ଧ କରିବାକୁ କହିଲେ । ଏ ସମୟ ଥିଲା ପିତୃପକ୍ଷ । ଦେବୀ ଆରାଧନା ଦୃଷ୍ଟିରୁ ମହାଳୟା ଏକ ପବିତ୍ର ଦିବସ । ଦେବୀଙ୍କର ଷୋଳପୂଜାର ମଧ୍ୟ ଭାଗରେ ମହାଳୟା ପଡୁଥିବାରୁ ଏହା ଦେବୀଙ୍କର ପ୍ରିୟତମ ଦିବସ । ତେଣୁ ମହାଳୟା ଅମାବାସ୍ୟାର ଦିନଟି ପିଣ୍ଡଦାନ ଲାଗି ଉତ୍କୃଷ୍ଟ ଏବଂ ରାତ୍ରିଟି ସାଧନାରେ ସିଦ୍ଧି ଲାଭ ପାଇଁ ଅତ୍ୟନ୍ତ ଶୁଭ । ଦେବୀଙ୍କର ପ୍ରଥମ ଅଷ୍ଟକଳାର ଶେଷ ଦିନ ହୋଇଥିବାରୁ ସାଧକମାନେ ବିଶେଷ ସିଦ୍ଧିଲାଭ ପାଇଁ ମହାଳୟାର ମହାନିଶାରେ ସାଧନାରତ ରହନ୍ତି । ଓଡ଼ିଆ ଆଧ୍ୟାତ୍ମିକମ ଚେତନା ଓ ହିନ୍ଦୁ ବିଧାନ ଅନୁଯାୟୀ ମହାଳୟା ଏକ ସ୍ୱତନ୍ତ୍ର ଓ ସ୍ମରଣୀୟ ଦିବସ ।

**ଚଣ୍ଡୀଖୋଲ, ଯାଜପୁର**
**ମୋ: ୯୪୩୭୦୫୧୨୪୩**

# ଦୁର୍ଗେ ଦୁର୍ଗତି ନାଶିନୀ

**ସତ୍ୟ ମହାପାତ୍ର**

ମାନବ ନିଜର ଶାନ୍ତି ପାଇଁ ତଥା ସତ୍ ଉପାୟରେ ଟିକିଏ ଆନନ୍ଦ ପାଇଁ ତିଥି-ବାରକୁ ନେଇ ପାଳନ କରେ ଅନେକ ପର୍ବପର୍ବାଣି । ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ପାଳିତ ହୁଏ ନିର୍ଦ୍ଦିଷ୍ଟପର୍ବ । ସେହିପରି ଦୁର୍ଗାପୂଜାର ତିଥି । କେଉଁ ପ୍ରାଚୀନକାଳରୁ ଅନୁଷ୍ଠିତ ହୋଇଆସୁଛି ଦୁର୍ଗାପୂଜା । ଦୁର୍ଗାପୂଜା କେତେକ ସ୍ଥାନରେ ୧୬ଦିନ ଧରି ପାଳିତ ହେଉଥିବାବେଳେ କେତେକ ସ୍ଥାନରେ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପା□ଦିନ ବ୍ୟାପୀ ପାଳିତହୁଏ । ଏହି ପା□ଦିନିଆପୂଜାରେ ବହୁ ବିଧି ଓ ନୀତିନିୟମ ଥିଲେ ହେଁ ସବୁରି ଭିତରେ ରହିଛି ଗୋଟିଏ ତାତ୍ତ୍ୱିକ ଓ ଗୂଢ଼ ରହସ୍ୟ । ସେ ସବୁକୁ ଗୋଟିଗୋଟିକରି ଆଲୋଚନା କରାଗଲେ ଏହି ସ୍ପଷ୍ଟୀକରଣ ମିଳିବ ଯେ ଦୁର୍ଗାପୂଜା ମାତୃଜାତିର ପୂଜା । ପ୍ରକୃତିରପୂଜା । ଦୁର୍ଗାଙ୍କ ନିକଟରେ ଥିବା ପାର୍ଶ୍ୱ ଦେବଦେବୀବୃନ୍ଦ ଆଉ କେହି ନୁହନ୍ତି; ସମସ୍ତେ ପ୍ରକୃତିର ଗୋଟିଏ ଗୋଟିଏ ଅଂଶ ।

ପ୍ରଥମେ ଷଷ୍ଠୀର ତିଥିର ବୋଧନକୁ ଲକ୍ଷ୍ୟକରାଯାଉ । ପନ୍ଦରଟି ତିଥିକୁ ପାଞ୍ଚ ପାଞ୍ଚ କରି ୩ଭାଗ କରାଯାଏ । ଯଥା ନନ୍ଦା, ଭଦ୍ରା, ଜୟା, ରିକ୍ତା ଓ ପୂର୍ଣ୍ଣା । ଚେତନାରେ ତିନୋଟି ଭୂମିରେ ଏହି ମାନେ ହେଲେ ତିନୋଟି ପଞ୍ଚକ । ପ୍ରଥମ ଭୂମିରେ ଆମ୍ଭମାନଙ୍କର ଆତ୍ମ ଚୈତନ୍ୟଥାଏ । ଏହା ଜାଗ୍ରତ ଅବସ୍ଥାରେ ନଥାଏ କିନ୍ତୁ ଶକ୍ତି ଜାଗିଥାଆନ୍ତି ଏବଂ ତିଥି ବାର କର୍ମ ଠିକ୍ ଭାବରେ ଚାଲିଥାଏ । ଏ ସମସ୍ତ କାର୍ଯ୍ୟ ଆମ ଅଗୋଚରରେ ହୋଇଥାଏ । ଯେପରି ଏହା ଶୈଶବ ଅବସ୍ଥା । ଦ୍ୱିତୀୟ ଅବସ୍ଥାରେ ଆମର ଆତ୍ମଚୈତନ୍ୟ ଜାଗ୍ରତ ହୁଏ । ସାଧନା ସେହିଠାରୁ ଆରମ୍ଭ ହୁଏ । ଯେତେବେଳେ ବୋଧନ ହେବା ଉଚିତ୍ । ଷଷ୍ଠୀ ତିଥି ନନ୍ଦା । ଦେବୀ ନନ୍ଦା ବା ଆନନ୍ଦମୟୀ ସେତେବେଳେ ବାଳିକା । ଭଦ୍ରା ତିଥିରେ ସେ ସୁମଙ୍ଗଳା, କୈଶୋରୀ । ଜୟା ତିଥିରେ ତାଙ୍କର ଶକ୍ତିରୂପର ପ୍ରକାଶ । ସେ ତରୁଣୀ । ରିକ୍ତାରେ ସେ ଯୋଗିନୀ । ପୂର୍ଣ୍ଣାରେ ସେ ସମର୍ଥା ଯୁବତୀ । ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ତାଙ୍କର ଆରାଧନା ଏହିଭାବ ଧରି କରାଯାଏ । ବିଲ୍ୱମୂଳରେ ବୋଧନ କାହିଁକି କରାଯାଏ !

ଶାସ୍ତ୍ରରେ କେତେଗୁଡ଼ିଏ ଦିବ୍ୟ ବୃକ୍ଷର ପ୍ରମାଣ ରହିଛି । ପୁରୁଷଙ୍କ ନିମିତ୍ତ ସେହି ବୃକ୍ଷକୁ ବ୍ରହ୍ମବୃକ୍ଷ ଓ ପ୍ରକୃତି ବା ଶକ୍ତି ନିମିତ୍ତ ସେହି ବୃକ୍ଷକୁ କୁଳବୃକ୍ଷ ବୋଲି କୁହାଯାଏ । କିନ୍ତୁ ବିଲ୍ୱକୁ ଉଭୟ ବ୍ରହ୍ମବୃକ୍ଷ ଓ କୁଳବୃକ୍ଷ ବୋଲି କୁହାଯାଏ । ବାସ୍ତବରେ ଦେବୀଙ୍କର ମୃଣ୍ମୟୀ ମୂର୍ତ୍ତିର ପୂଜାର୍ଚ୍ଚନା ଯେମିତି ଭାବଗର୍ଭକ ସେହିପରି ମନ୍ତ୍ର ମୂର୍ତ୍ତିର ଜ୍ଞାନ ମଧ୍ୟ ଜରୁରୀ । ଦେବୀଙ୍କର ଯେଉଁ ମନ୍ତ୍ରମୂର୍ତ୍ତି ତାହା ଉର୍ଦ୍ଧ୍ୱ ତ୍ରିକୋଣ ଓ ଅଧଃ ତ୍ରିକୋଣ ଦୁଇଟିର ସମନ୍ୱୟରେ ଗଠିତ ହୁଏ । ମୁଖମଣ୍ଡଳରୁ ତୃତୀୟନୟନକୁ ମୋଟ ଉର୍ଦ୍ଧ୍ୱବିନ୍ଦୁ ଓ ଦୁଇଟି ସ୍ତନକୁ ଦୁଇଟି ସମତଳ ଅଧୋବିନ୍ଦୁକୁ କଳ୍ପନା କରି ଯେଉଁ ତ୍ରିକୋଣହୁଏ ତାହା ଉର୍ଦ୍ଧ୍ୱତ୍ରିକୋଣ । ଏହା ଅଗ୍ନିରୂପ । ଯୋନି ଅଧଃତ୍ରିକୋଣ । ଏହା ତାଙ୍କର ସୋମ(ଚନ୍ଦ୍ର) ରୂପ । ବିଲ୍ୱବୃକ୍ଷର ପତ୍ର ତ୍ରିଶାଖା । ଦୂର୍ବା ତ୍ରିଶୂଳ ଭଳି । ଏହା ହେଲା ଯୋନିର ପ୍ରତୀକ । ବିଲ୍ୱଫଳ ସ୍ତନର ପ୍ରତୀକ । ମୁଖକୁ ବୃକ୍ଷର ଅଗ୍ରଭାଗରୂପେ କଳ୍ପନାକରାଯାଏ । ତେଣୁ ବିଲ୍ୱବୃକ୍ଷରେ ଉର୍ଦ୍ଧ୍ୱ ଏବଂ ଅଧଃ ଦୁଇଟି ତ୍ରିକୋଣର ସମାହାର ଦେଖାଯାଇଥାଏ । ଏହି ବୃକ୍ଷ କ□କବୃକ୍ଷ ବୋଲି ସ୍ପର୍ଶ କରିବା କଷ୍ଟ । ଦେବୀ ଆଗମ୍ୟାକୁମାରୀ । ଏହା ତାଙ୍କର ବ୍ରହ୍ମଭାବ । ଏହି ବୃକ୍ଷରେ ଅଗ୍ନି ଓ ସୋମର ବ୍ରହ୍ମ ଏବଂ ଶକ୍ତିର ସମନ୍ୱୟ ହୋଇଛି ବୋଲି ଏହି ବୃକ୍ଷକୁ ସ୍ୱଦେହ ଭାବନା କରି ତା'ର ମୂଳରେ ଅର୍ଥାତ୍ ମୂଳାଧାରରେ ଦେବୀଙ୍କର ବୋଧନ କରାଯାଏ । ଏହା ହେଲା ବୋଧନର ରହସ୍ୟ ।

ଦୁର୍ଗା ପୌରାଣିକ ଦେବୀ । ପୁରାଣ ବେଦରୁ ଭିନ୍ନ ନୁହେଁ । ଏହି ଦେବୀ ବେଦରେ ଅତିଥି ତନ୍ତ୍ରରେ ସେ ମହାଶକ୍ତି ବା ମହାମାୟା । ପ୍ରଥମ ଚରିତ୍ରରେ ବିଷ୍ଣୁମାୟା ବିଷ୍ଣୁ ଆଦିତ୍ୟ ବିଷ୍ଣୁ ଦେବଃ ଦେବ ବିଷ୍ଣୁମାୟା । ଏହାଙ୍କୁ ଭଗ ନାମରେ ପରିଚିତ କରାଯାଏ । ଭଗରୁ ଭଗବାନ ଶବ୍ଦ ଆସିଛି । ତହିଁରୁ ଭାଗବତ୍ ସମ୍ପ୍ରଦାୟ । ଅସୁର ଅବିଦ୍ୟା । ଅବିଦ୍ୟାର ନାଶ ଦେବକୃତ୍ୟ । ଦେବୀ ଦୁର୍ଗାଙ୍କ ମଧ୍ୟରେ ଆମ୍ଭେମାନେ ଅସୁରଘାତିନୀ



। ଏହା । ଅତି ପ୍ରାଚୀନ । 'ଭଗ' ନାମରେ ଯେଉଁ ଆଦିତ୍ୟ ତାଙ୍କର ଦୁଇଟି ପତ୍ନୀଙ୍କ କଥା ବେଦରେ ଅଛି । ଶ୍ରୀ ଏବଂ ଲକ୍ଷ୍ମୀ । ଶ୍ରୀ ସରସ୍ୱତୀ ବା ପ୍ରଜ୍ଞା । ଏହି ପ୍ରଜ୍ଞା ଏବଂ ଲକ୍ଷ୍ମୀ ମଧ୍ୟ ଦେବୀଙ୍କର ବଭୂତି ରୂପରେ ତାଙ୍କ ନିକଟରେ ସ୍ଥାନ ପାଇଛି । କୁମାର ଅଗ୍ନିର ଗୋଟିଏ ବିଶେଷଣ । କୁମାର ହେଉଛି କାର୍ତ୍ତିକଙ୍କର ଅନ୍ୟନାମ । କୃତ୍ତିକା ନକ୍ଷତ୍ର, ଅଗ୍ନି ନକ୍ଷତ୍ର, ଦେଖିବାକୁ ଅଗ୍ନିପୁଞ୍ଜ ସଦୃଶ । ସମ୍ବତ୍ସରର ଆଦି ବେଳ ଗଣା ହୁଏ ବୋଲି ଦେବାଦି ଅଗ୍ନି ତା'ର ଅଧିଷ୍ଠାତା । ଅଗ୍ନିର ଶକ୍ତି ବାକ୍ ତେଣୁ ବାଚସ୍ପତି ଅଗ୍ନିର ଅନ୍ୟଏକ ନାମଅଟେ । ବୃହସ୍ପତି ହିଁ ଋକ୍ ସଂହିତାରେ ଗଣପତି ବୋଲି ପରିଚିତ । ସେ ହିଁ ପୁରାଣରେ ଗଣେଶ । ଦେବୀ ଯଦି ଅଦିତି ହୋଇଥାଆନ୍ତି ଆଦିତ୍ୟମଣ୍ଡଳ ତାଙ୍କର ପ୍ରତ୍ୟକ୍ଷ ଦୃଷ୍ଟ ପ୍ରତିରୂପ ହୋଇଥାଏ । ବୃତ୍ର ବା ଅନ୍ଧକାର ନାଶ ଯଦି ତାଙ୍କର ପ୍ରଧାନ କର୍ତ୍ତବ୍ୟ ହୋଇଥାଏ, ତାହାହେଲେ ତାଙ୍କର ଦଶଭୁଜା ହେବାର ତାତ୍ପର୍ଯ୍ୟ ବୁଝିହୁଏ । ଆଦିତ୍ୟଙ୍କର କିରଣକୁ କର କୁହାଯାଏ । ଗୋଟିଏ ବିମ୍ବରୁ କର ଗୁଡ଼ିକ ଚାରିଦିଗକୁ ଖେଳିଯାଉଛି । ହିନ୍ଦୁମାନଙ୍କର ଦେବତାଙ୍କର ବହୁକର । କିନ୍ତୁ ବହୁ ଚରଣ ନୁହେଁ । ଦେବତା ଯଦି ପୁଞ୍ଜଜ୍ୟୋତି ତାହାହେଲେ ତାଙ୍କର କିରଣଗୁଡ଼ିକ କର ବା ହସ୍ତ । ପୁନଶ୍ଚ ଦଶଭୁଜା ଦୁର୍ଗା ଆଦିତ୍ୟ ବିମ୍ବଙ୍କର ଶିଳ୍ପ ସମ୍ଭୂତ ରୂପ । ଅଗ୍ନି ଶକ୍ତିର ଦୁଇଟି ରୂପ । ଗୋଟିଏ କର୍ମ ଓ ଅନ୍ୟଟି ପ୍ରଜ୍ଞା । କର୍ମଦ୍ୱାରା ଅସୁର ବଧ ହେଲାବେଳେ ପ୍ରଜ୍ଞାଦ୍ୱାରା କାର୍ତ୍ତିକ ଓ ଗଣପତିଙ୍କ ପରିଚୟ ମିଳେ । ଆଦିତ୍ୟଙ୍କର ପ୍ରଜ୍ଞା ଓ ଆନନ୍ଦ ଶକ୍ତି ସରସ୍ୱତୀ ଏବଂ ଲକ୍ଷ୍ମୀଙ୍କ ମଧ୍ୟରେ ଦେବୀ ଅଦିତି ବା ମହାଶକ୍ତି ଦେବୀଙ୍କର ରୂପ ହିରଣ୍ମୟୀ ଓ କାଳୀ । ବେଦରେ ଅଦିତି ପୃଥିବୀ ସେ ହିରଣ୍ୟବକ୍ଷାଃ । ତାଙ୍କର ଦୁଇଟି ମିଥୁନରୂପ । ଶିବ ଶକ୍ତି ଓ କୃଷ୍ଣ ରାଧା । ସଗୁଣ ଓ ନିର୍ଗୁଣଭାବ ରହିଛି । ନିର୍ଗୁଣ ଦଶା ଶିବ ଓ ସଗୁଣ ଦଶା ହେଉଛି ଗୌରୀ । ପ୍ରେମର ନିର୍ଗୁଣ ଦଶା ରାଧା । ସଗୁଣ ଦଶା କୃଷ୍ଣ ଅଟନ୍ତି । ଗୌରୀ ଦୁର୍ଗା ହୋଇ ଅସୁର ବଧ କରୁଛନ୍ତି ଶିବ ସାକ୍ଷୀ ରୂପ ହୋଇ ଦେଖୁଛନ୍ତି । ସେହିପରି ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ଦୁଷ୍କୃତ ବିନାଶନ କାଳରୂପରେ ଆବିର୍ଭାବ ହୋଇଥାଆନ୍ତି । ନେପଥ୍ୟେ ରାଧା ବୃନ୍ଦାବନରେ ସମାହିତା ଏଣୁ ଦୁର୍ଗା ଓ କୃଷ୍ଣ ଗୋଟିଏ ତତ୍ତ୍ୱ । କେଉଁ ଅନାଦିକାଳରୁ ଶକ୍ତିପୂଜା ଉତ୍ତରଣର ଅଭିଯାତ୍ରା ଆଜି ବି ଅବ୍ୟାହତ । ଶକ୍ତି ଜାଗ୍ରତ ହେଲେ ସାଧାରଣ ମନୁଷ୍ୟ ଠାରୁ ଆରମ୍ଭ କରି ଯେ କୌଣସି ପ୍ରାଣୀ ଅସାଧାରଣ କାର୍ଯ୍ୟ କରିପାରେ । ସେଥିପାଇଁ ଶକ୍ତି ଆରାଧନାକୁ ଆହ୍ୱାନ କରାଯାଉଛି ଯୁଗେ ଯୁଗେ । ଭାରତୀୟ ଧର୍ମଜଗତରେ ଶାକ୍ତ ପରମ୍ପରା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ମହାଶକ୍ତିଙ୍କ ତତ୍ତ୍ୱ ଓ ମହାତ୍ମ୍ୟ ବର୍ଣ୍ଣନାରେ ବେଦ, ଉପନିଷଦ, ରାମାୟଣ, ମହାଭାରତ, ପୁରାଣ ଆଦି ଭାରତୀୟ ଧର୍ମଶାସ୍ତ୍ର ମାନଙ୍କରେ ପୃଷ୍ଠା ସୁଶୋଭିତ ।ଦେବୀ ଦୁର୍ଗତିନାଶିନୀ । ମହାବିଘ୍ନ ବିନାଶିନୀ । ଭବବନ୍ଧନ, ଦୁଃଖଶୋକ ଓ ନରକ ଯନ୍ତ୍ରଣାରୁ ପ୍ରାଣୀମାନଙ୍କୁ ତାରଣ କରନ୍ତି ବୋଲି ସେ ଦୁର୍ଗା । ତାଙ୍କୁ ସ୍ମରଣ କଲାମାତ୍ରେ ସକଳ ଭୟ ଦୂର ହୁଏ । ଦୁଃଖର ଯଥାର୍ଥତାକୁ ଉପଲବ୍ଧି କରି ଦୁଃଖୀରଙ୍କି ମାନଙ୍କ କ୍ଳେଶ ଅବିଳମ୍ବେ ଦୂର କରୁଥିବାରୁ କେବଳ ଦୁର୍ଗାଙ୍କୁ ହିଁ ଦୁର୍ଗତିନାଶିନୀ ବୋଲି ଅଭିହିତ କରାଯାଇଛି । ଶକ୍ତି ଆରାଧନା ସମୟକ୍ରମେ ଘଟରୁ ମୂର୍ତ୍ତିପୂଜାରେ ରୂପାନ୍ତରିତ ହୋଇଛି । ଦୁର୍ଗାପୂଜା ଏକ ମହାନ ଓ ପବିତ୍ର ବ୍ରତ । ଏହି ଅବସରରେ ଆଦ୍ୟାଶକ୍ତି ମା'ଙ୍କ ଆରାଧନା ଦ୍ୱାରା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଶକ୍ତି ପ୍ରାପ୍ତ ହୁଏ । ସର୍ବ ସିଦ୍ଧି ଲାଭ ହୁଏ ଏବଂ ଶତ୍ରୁମାନେ ପରାଜିତ ହୁଅନ୍ତି । ମନୁଷ୍ୟ ଦୁଃଖ, ଦୁର୍ଗତିରୁ ନିସ୍ତାର ପାଇ ସୁଖ ଓ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ । ସମସ୍ତେ ନିଜ ଭିତରେ ଥିବା ଦୁଷ୍ଟ ଓ ଆସୁରିକ ପ୍ରବୃତ୍ତିକୁ ପରିତ୍ୟାଗ କରି ସତ୍ୟ ଓ ଆଲୋକ ପଥର ଅଭିଯାତ୍ରୀ ହେବା ପାଇଁ କାମନା କରିଥାନ୍ତି ।

**କଟକ**
**ମୋ : ୯୬୫୮୧୦୫୫୩୨**

# 'ଆ ଗୟେ ମେରେ ମୌତ୍ କା ତମାସା ଦେଖନେ..'

**ନାଟ୍ୟସାରଥି ଅଭୟ କୁମାର**
**ଢେଙ୍କାନାଳ**

ନିଖୁଣ ଅଭିନୟ । ଅଲଗା ଅନ୍ଦାଜ । ଦମ୍‌ଦାର ସ୍ୱର । ଥିଏଟରରୁ ସିନେ ପରଦାକୁ ସଫଳ ଯାତ୍ରା । ପରଦାର କ୍ରୋଧୀ, କ୍ରାନ୍ତିକାରୀ ଚରିତ୍ରରୁ ବାସ୍ତବ ଜୀବନର କ୍ରାନ୍ତିବୀର । କ୍ଷେତରୁ କାରଗିଲ ସୀମା । ସଂଘର୍ଷ ସହ ସମ୍ପର୍କ ଥିଲା ଅତି ନିବିଡ଼ । ସଂଘର୍ଷର ସେହି କଣ୍ଟକିତ ରାସ୍ତା ତାଙ୍କୁ ଦେଇଥିଲା ବିପୁଳ ସଫଳତା ଓ ଅଜସ୍ର ଖ୍ୟାତି । ସେ କହିବାକୁଗଲେ ଦେଖିବାକୁ ହିରୋ ଚେହେରାର ନଥିଲେ । ତାଙ୍କ ପାଖରେ ନାଚ କରିବାର ସେପରି ଭଲ ଗୁଣ ନଥିଲା କି ସୁନ୍ଦରୀ ହିରୋଇନ ମାନଙ୍କ ସହିତ ରୋମାନ୍ସ ସିନରେ ସେ ସହଜ ଲାଗୁ ନଥିଲେ କିନ୍ତୁ ଗୋଟିଏ ଧାଡ଼ିରେ କହିବାକୁଗଲେ ସେ ଯେଉଁ ସିନେମାରେ ଅଭିନୟକୁ ଏପରି ଜୀବନ୍ତ କରୁଥିଲେ ଯେ ସେଠାରେ ଖୋଦ ହିରୋ ବା ଭିଲିଆନ ମଧ୍ୟ ନିଜ ଉପସ୍ଥିତ ଜାହିର କରିବା ପାଇଁ ଏକ ପ୍ରକାର ସଂଘର୍ଷ କରୁଥିଲେ । ଲମ୍ବା ଲମ୍ବା ହୃଦୟକୁ ଟାଇଁ ଟାଇଁ ମାରି ଦେଉଥିବା ଡାଏଲଗ ମାରିବାରେ ସେ ଥିଲେ ଓସ୍ତାଦ । ଲମ୍ବା ଡାଏଲଗ ପରେ ତାଙ୍କ ବହଳିଆ ପରସ୍ତର ହସ ଛାତି ଭିତରକୁ ଚିରି ଦେଉଥିଲା ।

କୌଣସି ଏକ ସିନେମାରେ ସେ ଆସିବା ମାତ୍ରେ ଦର୍ଶକ ଜାଣି ଯାଉଥିଲେ ନାନାଙ୍କର ଯାଦୁ ନିଶ୍ଚିନ୍ତ ସିନେମାରେ ରହିଛି । ସେ ସବୁ ଚରିତ୍ରରେ ଏକଦମ୍ ଫିଟ । ତାଙ୍କ ପାଖରେ ବିଦ୍ରୋହୀ ଭୂମିକା ଠାରୁ ଯାଦୁଗରର ସଂଳାପ ଗୁଡ଼ିକ ଦେହ ଭିତରେ ଲେଲୀହାନ ଶିଖା ଜଳାଇ ଦେବା ପାଇଁ ଯଥେଷ୍ଟ । ଅତି ସାଧାରଣ ଜୀବନ ଥିଲା ତାଙ୍କର । ସରଳ, ନିରାଡ଼ମ୍ବର, ବନ୍ଧୁବତ୍ସଳ ଥିଲେ ମଧ୍ୟ ଅନେକ ସମୟ ସେ ଏକାନ୍ତରେ କାଟୁଥିଲେ ।

କୋଟି କୋଟି ହୃଦୟରେ ରାଜ କରୁଥିବା କିମ୍ବଦନ୍ତୀ କଳାକାରଙ୍କୁ 'ନାନା' ନାମରେ ଜାଣେ ସିନେ ଜଗତ । କିନ୍ତୁ ଖୁବ କମ ଜାଣନ୍ତି, ନାନା ତାଙ୍କର ପ୍ରକୃତ ନାଁ ନଥିଲା । ପ୍ରକୃତ ନଥିଲା ବିଶ୍ୱନାଥ ଗଜାନନ ପାଟେକର । ଜଣେ ସାଧାରଣ ମରାଠୀ ଘରର ପୁଅ ଦେଶର କଳା ଜଗତର ଚିହ୍ନା ଚେହେରା ହେବାର ଯାତ୍ରା ଖୁବ ରୋମାଞ୍ଚକର । ୧ ଜାନୁଆରୀ ୧୯୫୧ରେ ମହାରାଷ୍ଟ୍ର ରାୟଗଡ଼ ଜିଲ୍ଲା ସ୍ଥିତ ମୁରୁଦ ଜଂଜୀରାରେ ଜନ୍ମ ଗ୍ରହଣ କରିଥିଲେ ନାନା । ତାଙ୍କ ନାଁ ରଖାଯାଇଥିଲା ବିଶ୍ୱନାଥ ଗଜାନନ ପାଟେକର । ବାପାଙ୍କ ନାଁ ଦିନକର ପାଟେକର ଓ ମା'ଙ୍କ ନିର୍ମଳ ପାଟେକର । ପିଲାଦିନୁ କଳା ପ୍ରତି



ତାଙ୍କର ରୁଚି ଥିଲା । ସେଥିପାଇଁ ପରବର୍ତ୍ତୀ ସମୟରେ ମୁମ୍ବାଇ ପ୍ରସିଦ୍ଧ ବାନ୍ଦ୍ରା ସ୍କୁଲ ଅଫ ଆର୍ଟରେ ସେ ଅଧ୍ୟୟନ କରିଥିଲେ । ପ୍ରକୃତ ନା ହଜିଯିବା ପଛର କାରଣ ନାନା ନିଜେ କହିଥିଲେ । ତାଙ୍କ ମା'ଙ୍କର ଜଣେ ଅତି ଘନିଷ୍ଠ ବନ୍ଧୁ ଥିଲେ, ଯିଏ ତାଙ୍କୁ ପିଲାଦିନେ ନାନା ନାମରେ ସମ୍ବୋଧନ କରୁଥିଲେ । ଧୀରେ ଧୀରେ ଏହି ନାଁ ତାଙ୍କ ପରିଚୟ ପାଲଟିଗଲା । ପରେ ସେ ନାନାକୁ ନିଜର ଔପଚାରିକ ନାଁ ରୂପେ ଆପଣେଇ ନେଲେ । ସମୟ ସହିତ ବିଶ୍ୱନାଥ ନାଁ ହଜିଗଲା ଆଉ ନାନା ପାଟେକର ଭାରତୀୟ ସିନେମାର ସବୁଠୁ ପ୍ରସିଦ୍ଧ ଓ ସମ୍ମାନିତ ନାଁରେ ପରିଗଣିତ ହେଲା ।

୨୦୧୩ରେ ସେ ପଦ୍ମଶ୍ରୀ ସମ୍ମାନ ପାଇଥିଲେ । ଜାତୀୟ ଚଳଚ୍ଚିତ୍ର ସମ୍ମାନ ୧୯୮୯ ଓ ୧୯୯୬, ୧୯୯୪ରେ ପାଇଥିଲେ । ୧୯୯୨ରେ ଓ ୨୦୦୫ରେ ଫିଲ୍ମଫେୟାର ସମ୍ମାନ ପାଇଥିଲେ । ତାଙ୍କ ସଂଳାପ ଗୁଡ଼ିକ ବେଶ ଜୀବନ୍ତ ଓ ହୃଦୟ ଛୁଆଁ ଥିଲା । ସିନେମା ଜଗତ ସହିତ ଭାରତରେ ଚାଷୀ ଓ ମରୁଡ଼ି ସମସ୍ୟା ସମୟରେ ସେ ୨୦୧୫ରେ ଏକ ସଂଗଠନ ଆରମ୍ଭ କରିଥିଲେ ଯାହାଙ୍କର ଉଦ୍ଦେଶ୍ୟ ଥିଲା ଆତ୍ମହତ୍ୟା କରିଥିବା ଚାଷୀଙ୍କ ପରିବାରକୁ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରିବା । ତାଙ୍କ ସେହି 'ନାମ୍' ଅନୁଷ୍ଠାନ ୧୦୨ ସୈନିକ ଶହୀଦଙ୍କ ପରିବାର ଓ ୪୯୫୭ ବିଧବାଙ୍କୁ ମଧ୍ୟ ସାହାଯ୍ୟ କରିଛି । ତାଙ୍କର ପ୍ରମୁଖ ସିନେମା ଗୁଡ଼ିକ ହେଉଛି 'ଅଙ୍କୁଶ', 'ପରିନ୍ଦା', 'ପ୍ରହାର', 'ତ୍ରିରଙ୍ଗା', 'କ୍ରାନ୍ତିବୀର', 'ଅଗ୍ନିସାକ୍ଷୀ', 'ଯଶୱନ୍ତ', 'ଗୁଲାମ ଏ ମୁସ୍ତାଫା', 'ଅବତକ୍ ଛପନ', 'ଅପହରଣ', 'ରାଜନୀତ୍' ପ୍ରମୁଖ । ସେ ଜଣେ ପ୍ରକୃତ ନାଗରିକ ଓ ଦେଶପ୍ରେମୀ ଥିଲେ । ଅନେକ ହୁଏତ ଜାଣି ନଥିବେ ସେ କାରଗିଲ ଯୁଦ୍ଧ ସମୟରେ ଅଭିନୟରୁ ବିରତ ନେଇ ଇନଫାଣ୍ଟ୍ରି ରେଜିମେଣ୍ଟରେ ଭର୍ତ୍ତି ହୋଇଥିଲେ । ତାଙ୍କ ପ୍ରମୁଖ ସଂଳାପ ଗୁଡ଼ିକ ଭିତରୁ ସୁପର ହିଟ୍ ହେଉଛି - 'ଆ ଗୟେ ମେରେ ମୌତ୍ କା ତମାସା ଦେଖନେ..', 'ଏକ ମଛର ଇନସାନ କୋ ଆଦମୀ ସେ ହିଜଡ଼ା ବନାଦେତା ହେଁ' ପ୍ରମୁଖ । ସଂଘର୍ଷରୁ ଶିଖର ଛୁଇଁଥିବା ବଲିଉଡର କିମ୍ବଦନ୍ତୀ କଳାକାର ନାନା ପାଟେକରଙ୍କୁ ଶ୍ରଦ୍ଧାଞ୍ଜଳି ।

**ଗୋତରା, ମାହାଙ୍ଗା, କଟକ**
**ଦୂରଭାଷ : ୯୪୩୭୧୪୨୭୧୭**

### ବିଦ୍ୟାଳୟ ପରିସରରେ ସାମ୍ବାଦିକଙ୍କ ପ୍ରବେଶ ଉପରେ କଟକଣାକୁ ନେଇ ଉଠିଲା ପ୍ରଶ୍ନ

# ପତ୍ର ପ୍ରତ୍ୟାହାର ଦାବିକଲା ମୋହନା ସାମ୍ବାଦିକ ସଂଘ

**ଗଜପତି,୯।୧୦(ନି.ସୂ) :** ଗଣତନ୍ତ୍ରରେ ସାମ୍ବାଦିକତା କେବଳ ଖବର ପରିବେଷଣର ମାଧ୍ୟମ ନୁହେଁ; ଏହା ଜନସ୍ୱାର୍ଥର ସୁରକ୍ଷା, ପ୍ରଶାସନିକ ଉତ୍ତରଦାୟିତ୍ୱ ଏବଂ ସମାଜର ବାସ୍ତବ ସମସ୍ୟାକୁ ଲୋକଲୋଚନକୁ ଆଣିବାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଏପରି ସ୍ଥିତିରେ ଛାତ୍ରାବାସ ଓ ସେବାଶ୍ରମ ବିଦ୍ୟାଳୟ ପରିସରକୁ ସାମ୍ବାଦିକଙ୍କ ପ୍ରବେଶ ଉପରେ କଟକଣା ଲଗାଇବାକୁ ନେଇ ଜାରି ହୋଇଥିବା ଏକ ପତ୍ର ବିଭିନ୍ନ ମହଲରେ ପ୍ରଶ୍ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ପକ୍ଷରୁ ପତ୍ର ସଂଖ୍ୟା ୩୦୩୪, ତା ୨୨.୦୯.୨୦୨୬ ରିଖରେ ସମସ୍ତ ଛାତ୍ରାବାସ ଓ ସେବାଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ବ୍ଲକ୍ ସାମାଜିକ ମଙ୍ଗଳ ଅଧିକାରୀଙ୍କୁ ଏକ ପତ୍ର ଜାରି କରାଯାଇଛି। ଏଥିରେ ବିଭାଗୀୟ ନିର୍ଦ୍ଦେଶର ଉଲ୍ଲେଖ ଥିବା କୁହାଯାଇଥିବା ବେଳେ ସମ୍ପୃକ୍ତ ମୂଳ ନିର୍ଦ୍ଦେଶର ପତ୍ର ସଂଖ୍ୟା ସଂଖ୍ୟା ଉଲ୍ଲେଖ ନଥିବା ନେଇ ପ୍ରଶ୍ନ ଉଠିଛି। ଏହି ପତ୍ରରେ ବିଦ୍ୟାଳୟ ପରିସରକୁ ସାମ୍ବାଦିକଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ସମ୍ପର୍କରେ ଉଲ୍ଲେଖ ଥିବାରୁ ଏହାର ଉଦ୍ଦେଶ୍ୟ ଓ ପ୍ରଶାସନିକ ଆଧାର ସ୍ପଷ୍ଟ କରିବା ଆବଶ୍ୟକ ହୋଇପଡ଼ିଛି ସାମ୍ବାଦିକଙ୍କ ପ୍ରବେଶରେ କଟକଣା କାହିଁକି ?

ଦୁର୍ଗମ ଅଞ୍ଚଳରେ ଶିକ୍ଷାର ବାସ୍ତବ ଚିତ୍ର ଲୋକଲୋଚନକୁ ଆସିବ କିପରି ? ଗଜପତି ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଶିକ୍ଷାନୁଷ୍ଠାନ ଗୁଡ଼ିକର ଭିତ୍ତିଭୂମି ଓ ମୌଳିକ ସୁବିଧାକୁ ନେଇ ସମସ୍ୟା ରହିଥିବା ଅଭିଯୋଗ ହୋଇଆସୁଛି। କେତେକ ସ୍ଥାନରେ ଶ୍ରେଣୀଗୃହର ଅଭାବ ଯୋଗୁଁ ପାଠପଢ଼ା ଓ ଛାତ୍ରାବାସର ବ୍ୟବସ୍ଥା ଏକାଠି ଚାଲୁଥିବା ଅଭିଯୋଗ ରହିଛି। ଅନ୍ୟ କେତେକ ସ୍ଥାନରେ ଶୌଚାଳୟର ଅଭାବ, ଛାତ୍ରାବାସରେ ପାଚେରି ନଥିବା ଏବଂ ପାନୀୟ ଜଳ ସମସ୍ୟା ଭଳି ମୌଳିକ ପ୍ରସଙ୍ଗ ସାମ୍ନାକୁ ଆସୁଛି। ଏଭଳି ସମସ୍ୟା ଗୁଡ଼ିକୁ ଅନୁଧ୍ୟାନ କରି ଲୋକଲୋଚନକୁ ଆଣିବା ଏବଂ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସାମ୍ବାଦିକତାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଆବଶ୍ୟକତା ଆଧାରରେ ସାମ୍ବାଦିକଙ୍କ ପ୍ରବେଶ ଉପରେ ବ୍ୟାପକ କଟକଣା ଲଗାଇବା କେତେଦୂର ଯୁକ୍ତିସଙ୍ଗତ, ତାହା ବିଚାରଯୋଗ୍ୟ। ସାମ୍ବାଦିକମାନେ କ'ଣ ଶିକ୍ଷା ବ୍ୟବସ୍ଥାର ଶତ୍ରୁ ? ବିଦ୍ୟାଳୟରେ ରହିଥିବା ଅବ୍ୟବସ୍ଥା, ଭିତ୍ତିଭୂମିର ଅଭାବ ଏବଂ ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ସରକାର ଓ ପ୍ରଶାସନର ଦୃଷ୍ଟିକୁ ଆଣିବା କ'ଣ ସେମାନଙ୍କ ଅପରାଧ ? ଏଭଳି ପ୍ରଶ୍ନ ଏବେ ସଚେତନ ମହଲରେ ଆଲୋଚନାର ବିଷୟ ପାଲଟିଛି।

ଯଦି ସାମ୍ବାଦିକଙ୍କ ପ୍ରବେଶ ନିୟନ୍ତ୍ରଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ସୁରକ୍ଷାଗତ କିମ୍ବା ପ୍ରଶାସନିକ କାରଣ ରହିଛି, ତେବେ ତାହାର ଆଧାର, ସୀମା ଓ ପ୍ରକ୍ରିୟା ସ୍ପଷ୍ଟ କରିବା ଉଚିତ। ବିଭାଗୀୟ ନିର୍ଦ୍ଦେଶର ଆଧାର ଉଲ୍ଲେଖ ନକରି ଏଭଳି ପତ୍ର ଜାରି କରାଯାଇଥିବା ଅଭିଯୋଗର ମଧ୍ୟ ସ୍ପଷ୍ଟୀକରଣ ଆବଶ୍ୟକ। ଏହି କଟକଣା ବିଦ୍ୟାଳୟ ଗୁଡ଼ିକରେ ହେଉଥିବା ଅନିୟମିତତାକୁ ଲୁଚାଇବାର ଉଦ୍ଦେଶ୍ୟରେ ଜାରି ହୋଇଛି କି ନାହିଁ, ତାହାର କୌଣସି ପ୍ରମାଣ ନଥିବାରୁ ଏପରି ନିଷ୍କର୍ଷରେ ପହଞ୍ଚିବା ଉଚିତ ନୁହେଁ।

ତେବେ ଏହି ପତ୍ରର ଉଦ୍ଦେଶ୍ୟ ଓ ଆଧାର ସମ୍ପର୍କରେ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତାର ସହ ସ୍ପଷ୍ଟୀକରଣ ଦିଆଯିବା ନିଶ୍ଚିତ ଭାବେ ଆବଶ୍ୟକ। ପତ୍ର ପ୍ରତ୍ୟାହାର ଦାବି, ନଚେତ୍ ଆନ୍ଦୋଳନର ଚେତାବନୀ ଏହି ପତ୍ରକୁ ନେଇ ମୋହନା ସାମ୍ବାଦିକ ସଂଘ ପକ୍ଷରୁ ଦୃଢ଼ ନିନ୍ଦା ପ୍ରକାଶ କରାଯାଇଛି। ସଂଘ ପକ୍ଷରୁ ଉକ୍ତ ପତ୍ରର ଉଦ୍ଦେଶ୍ୟ ଓ ଆଧାର ସ୍ପଷ୍ଟ କରିବା ସହ ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଯଦି ପତ୍ରଟି ପ୍ରତ୍ୟାହାର କରାନଯାଏ, ତେବେ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛି।

# ଜିଲ୍ଲାସ୍ତରୀୟ 'ସେବା ସଂକଳ୍ପ ଅଭିଯାନ' ଆୟୋଜିତ

**ମାଲକାନଗିରି,୯।୧୦(ନି.ସୂ) :** ସମଗ୍ର ଶିକ୍ଷା, ମାଲକାନଗିରି କାର୍ଯ୍ୟାଳୟର ଆନୁକୂଲ୍ୟରେ ଶୁକ୍ରବାର ଜିଲ୍ଲାସ୍ତରୀୟ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆରମ୍ଭ ହୋଇଛି।




ଏହି ଅବସରରେ ମାଲକାନଗିରି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସେ ନିଜ ଅଭିଭାଷଣରେ ସେବା, ସମର୍ପଣ ଓ ସଂକଳ୍ପର ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ନିଜର ପ୍ରତିଭା ବିକାଶ ପାଇଁ ପ୍ରେରଣା ଦେଇଥିଲେ।

ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ବିଧାୟକ ପ୍ରତିନିଧି ନିହାର ରଞ୍ଜନ ରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ଏବଂ ଅତିରିକ୍ତ ମଙ୍ଗଳ ଅଧିକାରୀଙ୍କ ସମେତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ ସାଜନ୍ ପ୍ରମୁଖ ଉପସ୍ଥିତ ଥିଲେ।

ବ୍ଲକସ୍ତରରେ ଆୟୋଜିତ 'ସେବା ସଂକଳ୍ପ ଅଭିଯାନ' ମାଧ୍ୟମରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିବା ସହ ପୁରସ୍କୃତ ହେବେ ବୋଲି ସମଗ୍ର ଶିକ୍ଷାର ଶିକ୍ଷା ସଂଯୋଜକ ସୂଚନା ଦେଇଛନ୍ତି।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀବୃନ୍ଦ, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ମାଲକାନଗିରିରେ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

**ମାଲକାନଗିରି,୯।୧୦(ନି.ସୂ) :** ମାଲକାନଗିରି ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ପାଳିତ ହୋଇଯାଇଛି।

ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀଙ୍କ ସମେତ



ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ସେଠାରେ ସ୍ଥାପିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସମୟରେ ଉପସ୍ଥିତ ସମସ୍ତେ ଗୋପବନ୍ଧୁ ଦାସଙ୍କ ମହାନ ଜୀବନାଦର୍ଶ, ସମାଜସେବା, ସାମ୍ବାଦିକତା ଏବଂ ଓଡ଼ିଶାର ଗଠନ ଓ ବିକାଶ କ୍ଷେତ୍ରରେ ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରିଥିଲେ।

ମାନବସେବାକୁ ଜୀବନର ପରମ ଧର୍ମ ଭାବେ ଗ୍ରହଣ କରିଥିବା ଏହି ମହାନ ଜନନାୟକଙ୍କ ପ୍ରତି ସମସ୍ତେ ଗଭୀର ଶ୍ରଦ୍ଧା ଓ ସମ୍ମାନ ଜଣାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଗଞ୍ଜାମରେ ନବସୃଜନଙ୍କୁ ପ୍ରୋତ୍ସାହନ

# ଶିକ୍ଷାନୁଷ୍ଠାନରେ ଓଏସଏଫଆଇସି ସଚେତନତା

**ବ୍ରହ୍ମପୁର,୯।୧୦(ନି.ସୂ) :** ଯୁବପିଢ଼ି, ଛାତ୍ରଛାତ୍ରୀ, ଷ୍ଟାର୍ଟଅପ୍, ଉଦ୍ୟୋଗୀ, ଏମ୍ଏସ୍ଏମ୍ଇ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ନବସୃଜନଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ 'ଓଡ଼ିଶା ସେବା ଫାଷ୍ଟ ନବସୃଜନ ଆହ୍ୱାନ' (ଓଏସଏଫଆଇସି) ଆରମ୍ଭ ହୋଇଛି। ଗତ ୩୦ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ବାସ୍ତବ ଜୀବନର ସମସ୍ୟାର ନୂତନ ଓ ପ୍ରାୟୋଗିକ ସମାଧାନ ପାଇଁ ନବପ୍ରତିଭାଙ୍କୁ ସୁଯୋଗ ଦିଆଯାଉଛି।




ଗଞ୍ଜାମରେ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଇତିମଧ୍ୟରେ ଜିଲ୍ଲାର ୨୪ଟି ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ହୋଇସାରିଛି। ଏଥିରେ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ, ନିଷ୍ଟ୍, ରୋଲାଣ୍ଡ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମେତ ଇଞ୍ଜିନିୟରିଂ କଲେଜ, ଆଇଟିଆଇ, ପଲିଟେକନିକ ଓ ପିଏମ୍ ଶ୍ରୀ ବିଦ୍ୟାଳୟ ସାମିଲ ରହିଛି। ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ନୂଆ ଚିନ୍ତାଧାରା ପ୍ରସ୍ତୁତ କରି ପୋର୍ଟାଲରେ ପଞ୍ଜୀକରଣ ପାଇଁ ଅନୁରୋଧ କରାଯାଇଛି। ବିଶେଷଜ୍ଞ ଓ ଶିଳ୍ପ ବିଭାଗର ଅଧିକାରୀମାନେ ମାର୍ଗଦର୍ଶନ ପ୍ରଦାନ କରୁଛନ୍ତି। ଅକ୍ଟୋବର ୧୬ ସୁଦ୍ଧା ୪୦ଟି ଶିକ୍ଷାନୁଷ୍ଠାନରେ ଏହି ଅଭିଯାନ ପହଞ୍ଚାଇବାକୁ ଲକ୍ଷ୍ୟ ରହିଛି।

ଓଏସଏଫଆଇସିରେ ଛାତ୍ର ନବସୃଜନ, ଯୁବ ନବସୃଜନ ଓ ତୃଣମୂଳ ନବସୃଜନଏହି ତିନିଟି ବର୍ଗରେ ଅଂଶଗ୍ରହଣର ସୁଯୋଗ ରହିଛି। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଷ୍ଟାର୍ଟଅପ୍, ଏମ୍ଏସ୍ଏମ୍ଇ, କାରିଗର, ପ୍ରଗତିଶୀଳ ଚାଷୀ, ଏସ୍ଏଚ୍ଜି, ଏଫ୍ପିଓ ଓ ସାଧାରଣ ନାଗରିକ ଏଥିରେ ଭାଗ ନେଇପାରିବେ। ଆଗ୍ରହୀମାନେ ଅକ୍ଟୋବର ୩୧ ସୁଦ୍ଧା osfic.startupodisha.org ପୋର୍ଟାଲରେ ପଞ୍ଜୀକରଣ କରି ନିଜର ନୂଆ ଚିନ୍ତାଧାରା ଓ ସମାଧାନ ଦାଖଲ କରିବାକୁ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଆହ୍ୱାନ କରାଯାଇଛି।

# ଜୀବନବୀମା ଶାଖା ଅଭିକର୍ତ୍ତା ସଙ୍ଘର ବାର୍ଷିକ ଉତ୍ସବ ଓ ନୂତନ କର୍ମକର୍ତ୍ତା ନିର୍ବାଚିତ

**କେନ୍ଦ୍ରାପଡା,୯।୧୦(ନି.ସୂ) :** କେନ୍ଦ୍ରାପଡା ଜୀବନବୀମା ଶାଖା ଅଭିକର୍ତ୍ତା ସଙ୍ଘର ବାର୍ଷିକ ଉତ୍ସବ ଓ କର୍ମକର୍ତ୍ତା ନିର୍ବାଚନ ଜିଲ୍ଲା ସଂସ୍କୃତିଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ନାରାୟଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କଟକ ମଣ୍ଡଳ ଅଭିକର୍ତ୍ତା ସଙ୍ଘର ସଭାପତି ଦେବେନ୍ଦ୍ର କୁମାର ମୁଦୁଲି ମୁଖ୍ୟ ଅତିଥି, ମଣ୍ଡଳ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ମିଶ୍ର ମୁଖ୍ୟବକ୍ତା, ଜୋନାଲ ସାଂଗଠନିକ ସମ୍ପାଦକ ପ୍ରତାପ ଚନ୍ଦ୍ର ମହାନ୍ତି ଓ




କେନ୍ଦ୍ରାପଡା ଜୀବନବୀମା ନିଗମ ଶାଖା କାର୍ଯ୍ୟାଳୟର ମୁଖ୍ୟ ପରିଚାଳକ ଦିଲ୍ଲିପ କୁମାର ବିହାରୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଏଜେ□ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିଥିବା ବେଳେ କଟକ ମଣ୍ଡଳ ଅଭିକର୍ତ୍ତା ସଙ୍ଘର ଉପସଭାପତି ଜୟନ୍ତ କୁମାର ସାହୁ, କାର୍ଯ୍ୟକାରୀ କମିଟି ସଭ୍ୟ ନାରାୟଣ ସାହୁ,ବରିଷ୍ଠ ସଦସ୍ୟ ବିଚିତ୍ରାନନ୍ଦ ବେହେରା ଓ ସୀତାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପଡୋଶୀ ପଟ୍ଟାମୁଣ୍ଡାଇ, ଭଦ୍ରକ, ପାରାଦୀପ,ମାର୍ଶାଘାଇ ଜୀବନବୀମା ନିଗମ ଶାଖାର ଅଭିକର୍ତ୍ତାମାନେ ଉପସ୍ଥିତ ଥିଲେ । କେନ୍ଦ୍ରାପଡା ଜୀବନବୀମା ଅଭିକର୍ତ୍ତା ସଙ୍ଘର ସମ୍ପାଦକ ଚିତ୍ତରଞ୍ଜନ ଭଗତ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ କେନ୍ଦ୍ରାପଡା ଜିଲ୍ଲା ଶାଖାର ନିର୍ବାଚନ ଅନୁଷ୍ଠିତ ହୋଇ ଅଭିକର୍ତ୍ତା ସଙ୍ଘର ସଭାପତି ଭାବେ ନାରାୟଣ ଜେନା, ଉପସଭାପତି ଭବାନିଶଙ୍କର ମହାନ୍ତି ଓ ବାବାଜି ଚରଣ ସାମଲ, ସମ୍ପାଦକ ଅକ୍ଷୟ କୁମାର ସାହୁ, ସହ ସମ୍ପାଦକ ଜୀତେନ୍ଦ୍ର କୁମାର ମହାନ୍ତି ଓ ଫକିର କୁମାର ଖୁଣ୍ଟିଆ, କୋଷାଧ୍ୟକ୍ଷ ଶୈଳଜାଶଙ୍କର ସାମଲ, ସାଂଗଠନିକ ସମ୍ପାଦକ ରଞ୍ଜନ କୁମାର ମଣ୍ଡଳ ଓ ପ୍ରଶାନ୍ତ କୁମାର ରାଉତଙ୍କୁ ନିର୍ବାଚିତ କରାଯାଇଥିଲା। ସଭାପତି ଭାବେ ଶ୍ରୀ ଜେନା ଦ୍ୱିତୀୟଥର ପାଇଁ ନିର୍ବାଚିତ ହୋଇଥିବାରୁ ତାଙ୍କୁ ସମସ୍ତେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ନିର୍ବାଚିତ କର୍ମକର୍ତ୍ତାମାନେ ଶପଥ ପାଠ କରିଥିଲେ। ଶୈଳଜାଶଙ୍କର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଞ୍ଜାମ ଜିଲ୍ଲା ବିଜେପିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

**ବ୍ରହ୍ମପୁର,୯।୧୦(ନି.ସୂ) :** ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା 'ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ' ଜିଲ୍ଲା ସଭାପତି ସରୋଜ




ସାବତଙ୍କ ସଭାପତିତ୍ୱରେ ବ୍ରହ୍ମପୁର ସ୍ଥିତ ଗଞ୍ଜାମ କଳା ପରିଷଦ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ସାରଦା ପ୍ରସାଦ ସତପଥିଙ୍କ ସମେତ ଓଡ଼ିଶା ସରକାରଙ୍କ ମାନ୍ୟବର ବାଣିଜ୍ୟ,ପରିବହନ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଦିଗପହଣ୍ଡି ବିଧାୟକ ଡ଼ ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ସୁରେଶ ପାଢ଼ୀ, ବିପିନ ପ୍ରଧାନ, ମହନ୍ତ ଚିନ୍ମୟାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିବା ସହ ଏହି 'ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକାରିଣୀ' ବୈଠକର ଶୁଭାରମ୍ଭ କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସଭାପତି ସରୋଜ ସାବତ ସ୍ୱାଗତ ଭାଷଣ ଦେଇଥିଲେ । ବିଜେପି କାର୍ଯ୍ୟକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମ,ଏକନିଷ୍ଠ ଉଦ୍ୟମ, ବିଶେଷ କରି କେନ୍ଦ୍ର ଓ ରାଜ୍ୟ ନେତୃତ୍ୱର ଦିଗଦର୍ଶନ ଫଳରେ ଆମେ ଲୋକଙ୍କ ସରକାର ଗଠନ କରିବାରେ ସଫଳ ହୋଇଛୁ । ନିର୍ବାଚନ ସମୟରେ ଆମେ ଦେଇଥିବା ପ୍ରତିଶ୍ରୁତି ଗତ ଅଢ଼େଇ ବର୍ଷ ଭିତରେ ଅନେକାଂଶରେ ପାଳନ କରିଛୁ ବୋଲି ଜିଲ୍ଲା ସଭାପତି ସରୋଜ ସାବତ କହିଥିଲେ ।

ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିବା ବେଳେ ଏହାକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ସୁରେଶ ପାଢ଼ୀ ଏବଂ ମହନ୍ତ ଚିନ୍ମୟାନନ୍ଦ ଦାସ ପ୍ରମୁଖ ସମର୍ଥନ କରିଥିଲେ । କେନ୍ଦ୍ର ଏବଂ ରାଜ୍ୟ ଡ଼ବଲ୍ ଇଞ୍ଜିନ୍ ସରକାରଙ୍କ ଜନସାଧାରଣଙ୍କ ପାଇଁ ହେଇଥିବା ବିଭିନ୍ନ ଯୋଜନା ପାଇଁ ମାନ୍ୟବର ଦିଗପହଣ୍ଡି ବିଧାୟକ ଡ଼ ସିଦ୍ଧାନ୍ତ ମହାପାତ୍ର ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିବା ବେଳେ ଏହାକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ସମର୍ଥନ କରିଥିଲେ । ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ଗତ ଅଢ଼େଇ ବର୍ଷରେ ହୋଇଥିବା କାର୍ଯ୍ୟ ଏବଂ ଯୋଜନା ବିଷୟରେ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗତ ଅଢ଼େଇ ବର୍ଷର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୋଜନା ଉପରେ ଆଲୋକପାତ କରିଥିଲେ ।

ସ୍ୱାଭିମାନ, ସମୃଦ୍ଧ ଓ ସ୍ୱାବଲମ୍ବୀ ଓଡ଼ିଶା ଗଠନରେ ଯେଉଁ ମାନେ ପ୍ରତିବନ୍ଧକ ସାଜିଛନ୍ତି ସେମାନଙ୍କୁ କଡ଼ା ମୁକାବିଲା କରିବାକୁ ହେବ । ୨୦୧୮ ମସିହାରୁ ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରି ଗଣତାନ୍ତ୍ରିକ ବ୍ୟବସ୍ଥାର କଣ୍ଠରୋଧ କରିବା ଘଟଣାରେ ବିଜୁ ଜନତା ଦଳ ନିନ୍ଦିତ ହୋଇଛି । ଆସନ୍ତା କଲେଜ ନିର୍ବାଚନ ଠାରୁ ଆରମ୍ଭ କରି ଆସନ୍ତା କୋପେରିଟିଭ ନିର୍ବାଚନ ଏବଂ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ କିଭଳି ବିଜୟୀ ହେବ ତାହା ଉପରେ ବୁଥ୍ ସ୍ତରରୁ କାମ ଆରମ୍ଭ ହେବା ଜରୁରୀ ବୋଲି କରିବା ସହ ଦଳର ନୀତି, ଆଦର୍ଶ ଓ ଶୃଙ୍ଖଳା ଉପରେ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗ ଦର୍ଶନ କରିଥିଲେ।

ସେହିପରି ସବ୍ କା ସାଥ୍ ସବ୍ କା ବିକାଶ, ସବ୍ କା ପ୍ରୟାସ ସବ୍ କ ବିଶ୍ୱାସ ମନ୍ତ୍ରରେ ଅନୁପ୍ରାଣିତ ହୋଇ ଲୋକଙ୍କ ହୃଦୟ ଜିତିବାକୁ ହେବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ସତପଥି ଗୁରୁମନ୍ତ୍ର ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମ ଚରଣ ସାହୁ,ସିଦ୍ଧାନ୍ତ ଗଙ୍ଗଦେବ,ଜିଲ୍ଲା ଉପସଭାପତି ପ୍ରବୀର ପାତ୍ର, ପ୍ରଭାତ କିରଣ ଷଡ଼ଙ୍ଗୀ,ରତ୍ନଗର୍ଭା ସରସ୍ୱତୀ ଦେବୀ,ମୀନା ଦ୍ୟାନସାମନ୍ତରା,ଜିଲ୍ଲା କୋଷାଧ୍ୟକ୍ଷ ପ୍ରଦୀପ ନାୟକ,ଜିଲ୍ଲା ସମ୍ପାଦକ ଶିବ ଶଙ୍କର ନାୟକ,ସବିତା ସାହୁ,ସ୍ମିତାଲି ସ୍ୱପ୍ନା ପାତ୍ର,ବନିତା ସାହୁ,ଦୁର୍ଯୋଧନ ରେଡ୍ଡୀ,ପୂର୍ବତନ ଜିଲ୍ଲା ସଭାପତି ଶିଶିର ପାଢ଼ୀ,ପୂର୍ବତନ ବିଧାୟକ ଶିବ ସାହାଣୀ,ରାଜ୍ୟ ପ୍ରବକ୍ତା ଟି.ଗୋପି,ବରିଷ୍ଠ ନେତ୍ରୀ ସବିତା ସୁଆର,ବରିଷ୍ଠ ନେତା ସୁନିଲ କୁମାର ସାହୁଙ୍କ ସମେତ ଜିଲ୍ଲା ପଦାଧିକାରୀ,କାର୍ଯ୍ୟକାରିଣୀ ସଦସ୍ୟ ଏବଂ ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତ ଥିଲେ ।

ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ତୁତୁନ୍ ପାତ୍ର ଏବଂ ଯୁବମୋର୍ଚ୍ଚା ସଦସ୍ୟ ଏହି କାର୍ଯ୍ୟକାରିଣୀ ବୈଠକକୁ ସଫଳ କରିବାରେ ସହଯୋଗ କରିଥିଲେ । ଶେଷରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମ୍ବାଦିକଙ୍କ ମାତୃ ବିୟୋଗ

**ଆନନ୍ଦପୁର,୯।୧୦(ନି.ସୂ) :** ଆନନ୍ଦପୁର ପୌରାଞ୍ଚଳର ୪ ନଂ ୱାର୍ଡର ଯୁବ ସାମ୍ବାଦିକ ନିର୍ମଳ ଚନ୍ଦ୍ର ରାଉଳଙ୍କ ମାତୃ ୮.୧୦.୨୦୨୬ ପ୍ରାତୁଷରୁ ପରଲୋକ ହେଇଥିବା ସୂଚନା ମିଳିଛି। ସ୍ୱର୍ଗତ ରାମ ଚନ୍ଦ୍ର ରାଉଳଙ୍କ ପତ୍ନୀ ମନୋରମା



ରାଉଳ (୭୬) ଗୁରୁବାର ଦିନ ପରଲୋକ ଘଟିଥିବା ବେଳେ ସେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ହୋଇ ନିଜ ବାସ ଭବନରେ ଚିକିତ୍ସାଧିନ ଥିଲେ । ତାଙ୍କର ମୃତ୍ୟୁ ପରେ ପରିବାରର ସମେତ ସମସ୍ତ ବନ୍ଧୁବର୍ଗ ଓ ବହୁ ମାନ୍ୟଜନ୍ୟ ବ୍ୟକ୍ତି ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଚାରି ପୁଅ, ଚାରି ବହୁ, ଝିଅ ଓ ଜ୍ୱାଇଁଙ୍କ ସମେତ ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ । ବୈତରଣୀ କୂଳ ସ୍ମଶାନରେ ତାଙ୍କର ଶେଷକୃତ ସମ୍ପର୍ଣ୍ଣ ହୋଇଥିଲା । ତାଙ୍କର ମଝିଆ ପୁଅ ବ୍ରହ୍ମାନନ୍ଦ ରାଉଳ ମୁଖାଗ୍ନି ଦେଇଥିଲେ । ତାଙ୍କ ପରଲୋକରେ ଦଳେଇ ସାହିର ସମସ୍ତ ବାସିନ୍ଦା ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳିତ

**କଟକ,୯।୧୦(ନି.ସୂ) :** ଗତକାଲି ସକାଳ ୯ଘଟିକା ରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀରାମ ଚନ୍ଦ୍ର ଭବନ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ସ୍ୱନକ୍ଷେତ୍ର ଦିବସ ଅନୁଷ୍ଠାନର ସଭାପତି ଡ଼ଃ ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ସାହିତ୍ୟ ସମାଜ ର ଉପ-ସଭାପତି ବ୍ରହ୍ମକ୍ଷ ନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ସଭାରେ ଉତ୍କଳ ସାହିତ୍ୟ ସମାଜର ବହୁ ବରିଷ୍ଠ ଆଜୀବନ ସଦସ୍ୟ ଯୋଗଦେଇ ପଣ୍ଡିତ ଗୋପବନ୍ଧୁଙ୍କ ନିତାମ୍ବର, ଦିନ ଦରିଦ୍ରଙ୍କ ପାଇଁ ସମର୍ପିତ, ଅଳ୍ପ



ଆୟୁ ଜୀବନୀ ଉପରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ଶରତ ଚନ୍ଦ୍ର ଦାଶ, ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ଚିତ୍ରଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା,ମନୋରଞ୍ଜନ ମିଶ୍ର, ଡ଼ଃ ସୁନାମଣି ରାଉତ,ପ୍ରାଧ୍ୟାପକ ଉମା ଶଙ୍କର ମିଶ୍ର, ଚୈତନ୍ୟ ରାଉତ, ଓ ରାଜକିଶୋର ସ୍ୱାଇଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇ ଉତ୍କଳର ବରପୁତ୍ର, ସାହିତ୍ୟ ଜଗତ ମୁଧର୍ବନୀୟ ବ୍ୟକ୍ତି ବିଶେଷ ଯେଉଁମାନଙ୍କ ପ୍ରତିମୂର୍ତ୍ତି ଶ୍ରୀରାମ ଚନ୍ଦ୍ର ଭବନ ପରିସରରେ ସ୍ଥାପିତ ହୋଇଛି, ପଣ୍ଡିତ ଗୋପବନ୍ଧୁଙ୍କ ସମେତ ଅନ୍ୟ ମାନଙ୍କୁ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଭା ଶେଷରେ ରାଜକିଶୋର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ପୋଲିସକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କୋଚି,୯।୧୦:** ସିଏମ୍ଆରଏଲ୍-ଏକ୍ସାଲୋଜିକ୍ ଦେୟ ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ତାଙ୍କ ଝିଅ ବୀଣାଟି ଓ ବୀଣାଙ୍କ ସ୍ୱାମୀ ତଥା ପୂର୍ବତନ ମନ୍ତ୍ରୀ ପି ଏ ମହମ୍ମଦ ରିୟାସ୍ଙ୍କ ନାଁରେ ମାମଲା ରୁଜୁ କରିବାକୁ କେରଳ ହାଇକୋର୍ଟ ଶୁକ୍ରବାର ରାଜ୍ୟ ପୁଲିସ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଆଦେଶ ଶୁଣାଇବା ସମୟରେ କୋର୍ଟ କହିଥିଲେ, ରିଟ୍ ପିଟିସନ୍ ଅନୁମତି ଦେଇଛି ଓ ଏତଲା ପଞ୍ଜୀକରଣ କରିବାର ନିର୍ଦ୍ଦେଶ ରହିଛି। କର୍ମକର୍ତ୍ତା ତଥା ଓକିଲ କେଏମ୍ ଶାଜାହାନ ?ଙ୍କ ଦ୍ୱାରା ଦାୟର ହୋଇଥିବା ଏକ ଆବେଦନ ଉପରେ ଜଷ୍ଟିସ ଏ ବଦହାରୁଦ୍ଦିନ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ଆବେଦନରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ ଦୁର୍ନୀତି ମାମଲା ପଞ୍ଜୀକରଣ କରିବା ପରିବର୍ତ୍ତେ କ୍ରାଇମ ବ୍ରାଞ୍ଚ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ମାଧ୍ୟମରେ ପ୍ରାରମ୍ଭିକ ତଦନ୍ତ କରିବାର ନିଷ୍ପତ୍ତିକୁ ଚାଲେଞ୍ଜ କରାଯାଇଥିଲା। ଶାଜାହାନଙ୍କ ଅନୁଯାୟୀ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୁପାରିସକୁ ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ ବ୍ୟୁରୋ ନିର୍ଦ୍ଦେଶକଙ୍କ ନିକଟକୁ ପଠାଇବା ପରିବର୍ତ୍ତେ ରାଜ୍ୟ ସରକାର ଏହି ମାମଲାର ପ୍ରାରମ୍ଭିକ ପୁଲିସ ତଦନ୍ତ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ପ୍ରାଥମିକ ତଦନ୍ତ ପରେ ଏତଲା ରୁଜୁ କରିବାକୁ ରାଜ୍ୟ ସରକାର ଯୁକ୍ତି ବାଢ଼ୁଥିବାବେଳେ ଇଡି କିନ୍ତୁ କହିଛନ୍ତି, ରାଜ୍ୟ ପୁଲିସ ପ୍ରଥମେ ଏତଲା ରୁଜୁ କରି ତା'ପରେ ତଦନ୍ତ କରୁ।

# ଏଲ କାଷ୍ଟିଲୋ ଜେଲ୍ ଭିତରେ ସଂଘର୍ଷ : ୧୦ ମୃତ, ୧୬ ଆହତ

**ମେକ୍ସିକୋ,୯।୧୦:** ମେକ୍ସିକୋର ଉତ୍ତର-ପଶ୍ଚିମ ରାଜ୍ୟ ସିନାଲୋଆର ମାଜାଟାନ ସହରରେ ଥିବା 'ଏଲ କାଷ୍ଟିଲୋ' ଜେଲ୍ରେ ଘଟିଥିବା ଏକ ସଂଘର୍ଷରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୬ ଜଣ ଆହତ ହୋଇଛନ୍ତି ବୋଲି ରାଜ୍ୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ସିନାଲୋଆର ସାର୍ବଜନୀନ ସୁରକ୍ଷା ସଚିବାଳୟ କହିଛି, ଜେଲ୍ ଭିତରେ ହୋଇଥିବା ଏହି ସଂଘର୍ଷରେ ୯ ଜଣ କଏଦୀ ଏବଂ ଜଣେ ପରିବାର ସଦସ୍ୟ (ଯିଏ ସାକ୍ଷାତ କରିବାକୁ ଆସିଥିଲେ) ସେ ପ୍ରାଣ ହରାଇଛନ୍ତି। ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିବା ଏକ ଭିଡିଓରେ ସିନାଲୋଆର ସାର୍ବଜନୀନ ସୁରକ୍ଷା ସଚିବ ସିନୁହେ ଟେଲେଜ କହିଛନ୍ତି, ମୃତ୍ୟୁବରଣ କରିଥିବା ସେହି ବ୍ୟକ୍ତି ଜଣକ



ଜଣେ ନାବାଳକ ଥିଲେ। ଆହତ ୧୬ ଜଣ କଏଦୀଙ୍କୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିବା ସଚିବାଳୟ ପକ୍ଷରୁ କୁହାଯାଇଛି।

ସୁରକ୍ଷା ବାହିନୀର ଏକ ମିଳିତ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ବର୍ତ୍ତମାନ ଜେଲ୍ ପରିସର ଶାନ୍ତ ହୋଇଛି। କର୍ତ୍ତୃପକ୍ଷ ଘଟଣାସ୍ଥଳରେ ଉପସ୍ଥିତ ରହିଥିବା ଜଣାପଡ଼ିଛି। ସାମାଜିକ କର୍ମୀମାନେ ମୃତକଙ୍କ ପରିବାର ସହ ଯୋଗାଯୋଗ କରୁଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କାରାଗାରକୁ ସାକ୍ଷାତ ଅନୁମତି ସାମୟିକ ଭାବେ ବନ୍ଦ କରାଯାଇଛି ଏବଂ ଅନ୍ୟ କଏଦୀମାନେ ସୁରକ୍ଷିତ ଅଛନ୍ତି।

ସିନାଲୋଆ ହେଉଛି 'ସିନାଲୋଆ ଡ୍ରଗ କାର୍ଟେଲ'ର ପରସ୍ପର ବିରୋଧୀ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଚାଲିଥିବା ସଂଘର୍ଷର ଏକ କ୍ଷେତ୍ର। ସୁରକ୍ଷା ଦୃଷ୍ଟିକୋଣରୁ ଆମେରିକୀୟ ନାଗରିକମାନଙ୍କୁ ଯେଉଁ ଛଅଟି ମେକ୍ସିକାନ ରାଜ୍ୟକୁ ନ ଯିବାକୁ ଆମେରିକାର ବୈଦେଶିକ ବିଭାଗ ପରାମର୍ଶ ଦେଇଥାଏ, ସିନାଲୋଆ ସେଗୁଡ଼ିକ ମଧ୍ୟରୁ ଅନ୍ୟତମ।ଜେଲ୍ରେ ଘଟିଥିବା ଏହି ହିଂସାକାଣ୍ଡ ସେହି ସଂଘର୍ଷ ସହିତ ଜଡ଼ିତ କି ନୁହେଁ, ସେ ସମ୍ପର୍କରେ ଅଧିକାରୀମାନେ କୌଣସି ସୂଚନା ଦେଇନାହାନ୍ତି।

